

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୨ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 June 2026

Vol.No. 36 ■ No.162 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# କୋଲକାତାରୁ ମୋଦୀଙ୍କ ବଡ଼ ବାର୍ତ୍ତା: ଭାରତ ହେବ ଯୁଦ୍ଧ ଜାହାଜ ଉତ୍ପାଦନ କେନ୍ଦ୍ର



ନୂଆଦିଲ୍ଲୀ,୨୧/୬ : ଭାରତୀୟ ନୌସେନା ସମୁଦ୍ରରେ ନିଜର ଶକ୍ତି ବୃଦ୍ଧି କରିବା ପାଇଁ ନିରନ୍ତର ସ୍ୱଦେଶୀ ଯୁଦ୍ଧଜାହାଜକୁ ନୌସେନାରେ ସାମିଲ କରୁଛି। ନୌସେନା ଗୋଟିଏ ପରେ ଗୋଟିଏ ଆଧୁନିକ ଯୁଦ୍ଧଜାହାଜ ହାସଲ କରୁଛି। ଏହି କ୍ରମରେ ରବିବାର ନୌସେନାରେ ଆଉ ତିନୋଟି ସ୍ୱଦେଶୀ ଯୁଦ୍ଧଜାହାଜ ସାମିଲ ହୋଇଛନ୍ତି। ତିନି ଯୁଦ୍ଧଜାହାଜର କମିସନିଂ ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଜି, ଭାରତ ଆଉ କେବଳ ଏକ କ୍ରେତା ନୁହେଁ, ଏହା ଅନେକ ଦେଶକୁ ଆଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରି ବିକ୍ରୟ ମଧ କରୁଛି। ଏହା ସହିତ ସ୍ୱଦେଶୀ ଶକ୍ତିକୁ ବିକଶିତ କରୁଛି। କୋଲକାତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ତିନୋଟି ଯୁଦ୍ଧଜାହାଜକୁ ନୌସେନାର ନୌସେନାରେ ସାମିଲ କରାଯାଇଛି। ଏହି ତିନୋଟି ଯୁଦ୍ଧଜାହାଜ ହେଉଛି ଗାଇଡେଡ୍ ମିସାଇଲ୍ ଫ୍ରିଗେଟ୍ ଦୁନାଗିରି, ଆଣ୍ଟି-ସବମେରିନ୍ ଯୁଦ୍ଧଜାହାଜ ଅଗ୍ରେୟ ଏବଂ ସର୍ଭେ ଜାହାଜ ସଂଶୋଧକ। ଏହା ପ୍ରଥମ ଥର ନୁହେଁ ଯେତେବେଳେ ଗୋଟିଏ ଦିନରେ ତିନୋଟି ଯୁଦ୍ଧଜାହାଜ ନୌସେନାରେ ସାମିଲ ହୋଇଛି। ପୂର୍ବରୁ, ୧୫ ଜାନୁଆରି ୨୦୨୫ରେ, ମୁମ୍ବାଇରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ, ନୀଳଗିରି ଶ୍ରେଣୀର ପ୍ରଥମ ଷ୍ଟେଲ୍ଥ ଫ୍ରିଗେଟ୍, ଆଇଏନଏସ ନୀଳଗିରି, ବିଧ୍ୱଂସକ ଆଇଏନଏସ ସୁରତ ଏବଂ ବୁଡ଼ାଜାହାଜ ଆଇଏନଏସ ଭାଗଶୀରକୁ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା। ତିନି ଯୁଦ୍ଧଜାହାଜର କମିସନିଂ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି, ଜୁନ୍ ୨୧ ତାରିଖକୁ ୱାର୍ଲ୍ଡ ହାଇଡ୍ରୋଗ୍ରାଫି ଡେ ଭାବରେ ମଧ ପାଳନ କରାଯାଇଥାଏ। ଏହା ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ ଯେ ଏହି ଦିନରେ ଆମେ ଭାରତର ସବୁଠାରୁ ଉନ୍ନତ ହାଇଡ୍ରୋଗ୍ରାଫି ଜାହାଜ ଆଇଏନଏସ ସଂଶୋଧକକୁ କମିସନିଂ କରିଛୁ।

◆◆ପୃଷ୍ଠା ୭

## ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ ହେଲା କଲ୍ୟାଣସିଂହପୁର ମାମଲା: ସିଏଡବ୍ଲ୍ୟୁ ଏଡିଜି ଏସ୍. ସାଇନିଙ୍କ ନେତୃତ୍ୱରେ ରାୟଗଡ଼ା ଯିବ ଟିମ୍

ଭୁବନେଶ୍ୱର, ୨୧/୬ (ନି.ପ୍ର): ରାୟଗଡ଼ା କଲ୍ୟାଣସିଂହପୁର ଭିଡ଼ ହିଂସା ମାମଲାକୁ ନେଇ ଲଜ୍ଜିତ ହୋଇଛି ଓଡ଼ିଶା । ସାରାଦେଶରେ ନିନ୍ଦିତ ହୋଇଛି । ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ୨୩ ଜଣଙ୍କୁ ବାନ୍ଧିବା ସହ ଅନ୍ୟମାନଙ୍କୁ ଖୋଜୁଛି । ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହି ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଭିତରେ ଜଣେ ଯୁବକ କେମିତି ଯୁବତୀ ଓ ତାଙ୍କ ବନ୍ଧୁଙ୍କୁ ଭିଡ଼ କବଳରୁ ବଞ୍ଚାଇଥିଲେ ତାହା ସାମନାକୁ ଆସିଛି । ଅନ୍ୟପଟେ ଏହି ମାମଲାକୁ ନେଇ ଜୋର ଧରିଛି ରାଜନୀତି । ରାୟଗଡ଼ା କଲ୍ୟାଣସିଂହପୁରରେ ଭିଡ଼ ହିଂସା ମାମଲାକୁ ନେଇ ଓଡ଼ିଶା ନିନ୍ଦିତ ହେବା ପରେ ଆକ୍ସନକୁ ଆସିଛନ୍ତି ପୁଲିସ୍ ଡିଜି ୱାଇ ବି ଖୁରାନିଆ। ଏହି ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିବାକୁ ସିଏଡବ୍ଲୁକୁ ଦେଇଛନ୍ତି ନିର୍ଦ୍ଦେଶ । ସିଏଡବ୍ଲୁ ଏଡିଜି ଏସ୍ ସାଇନିଙ୍କ ନେତୃତ୍ୱରେ ରାୟଗଡ଼ା ଯିବ ଟିମ୍ । ଆବଶ୍ୟକ ପଡ଼ିଲେ, ଦିଲ୍ଲୀ ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ ଡିଜି । ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦେଇଥିଲା ରାୟଗଡା ପୁଲିସ୍ । ଏସବୁ ଭିତରେ ସାମନାକୁ ଆସିଛନ୍ତି ସେ ଦିନ ଦେବଦୂତ ସାଜି ଯୁବତୀଙ୍କ ଉଦ୍ଧାର କରିଥିବା ଯୁବକ ବଳରାମ ବାଗ୍ । କହିଛନ୍ତି, କେମିତି ସାମାନ୍ୟ ପିଲା ଚୋରି ଗୁଜବରୁ ଅମଣିଷ ପାଲଟି ଯାଇଥିଲେ କିଛି ଦୁର୍ବୃତ୍ତ । ଭୁଲି ଯାଇଥିଲେ ମାନବିକତା । ଭିଡ଼ର ସୁଯୋଗ ନେଇ ଯୁବତୀଙ୍କୁ ମାଡ଼ ମାରିବା ସହ ଦେଇଥିଲେ ଅସହ୍ୟ ନିର୍ଯାତନା । ଚିରି ଦେଇଥିଲେ ଯୁବତୀଙ୍କ ପୋଷାକ । ଛାଡ଼ିବା ପାଇଁ କାନ୍ଦି କାନ୍ଦି ନେହୁରା ହୋଇଥିଲେ ବି ଛାଡ଼ିନଥିଲେ । ଆଉ କିଛି ଲୋକ ଭିଡ଼ିଓ କରୁଥିଲେ ବି ରୋକି ନଥିଲେ । ସେହି ସମୟରେ ଜୀବନକୁ ବାଜି ଲଗାଇ ଭିଡ଼ ଭିତରୁ ଯୁବତୀଙ୍କୁ ଉଦ୍ଧାର କରିଥିଲେ ବଳରାମ । ନିଜ ଦେହରୁ ପୋଷାକ କାଢ଼ି ଯୁବତୀଙ୍କୁ ଦେଇଥିଲେ । ଏହି ମାମଲାରେ ଏବେ ସୁଦ୍ଧା ମୋଟ ୨୩ ଜଣ ଗିରଫ ହୋଇଛନ୍ତି । ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି । ୩ଟି ଭିନ୍ନ ଭିନ୍ନ ମାମଲା ରୁଜୁ ହୋଇଛି । ଯେଉଁମାନେ ଘଟଣାର ଭିଡିଓ ଉତ୍ତୋଳନ କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ଏହାକୁ ଭାଇରାଲ କରିଛନ୍ତି ସେମାନଙ୍କ ବିରୋଧରେ ମଧ ଆଇଟି ଆକ୍ଟ ଅନୁଯାୟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ସୁରୁଖୁରୁରେ ସରିଲା ନିଟ୍ -ୟୁଜି ପୁନଃ ପରୀକ୍ଷା: କଡା ସୁରକ୍ଷା ଭିତରେ ପରୀକ୍ଷା ଦେଲେ ୨୩ ଲକ୍ଷ ପରୀକ୍ଷାର୍ଥୀ




ଭୁବନେଶ୍ୱର, ୨୧/୬ (ନି.ପ୍ର): ବହୁ ବାଦ ବିବାଦ ପରେ ଆଜି ନିଟ୍-ୟୁଜି ପୁନଃ ପରୀକ୍ଷା ହୋଇଛି । ସାରା ଦେଶର ୫ ହଜାରରୁ ଅଧିକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି ପ୍ରାୟ ୨୩ ଲକ୍ଷ ପରୀକ୍ଷାର୍ଥୀ । ରି ନିଟ-ୟୁଜି ଏଗଜାମରେ ଏଥର ଦେଖିବାକୁ ମିଳିଛି ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା । ସେପଟେ ଚିନ୍ତାମୁକ୍ତ ହୋଇ ନିର୍ଭୟରେ ପରୀକ୍ଷା ଦେବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ । ପ୍ରଶ୍ନପତ୍ର ଲିକ ଯୋଗୁଁ ବହୁ ବାଦ ବିବାଦ ପରେ ଆଜି ସାରା ଦେଶରେ ଅନୁଷ୍ଠିତ ହୋଇଛି ରି ନିଟ-ୟୁଜି ପରୀକ୍ଷା । ସକାଳୁ ସକାଳୁ ବିଭିନ୍ନ ସହରରେ ବସଷ୍ଟାଣ୍ଡରେ ଲାଗିଥିଲା ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ଭିଡ଼ । ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ ସୁବିଧା କରିଥିଲେ ସରକାର । ଆଡମିଟ କାର୍ଡ ଦେଖାଇ ଛାତ୍ରଛାତ୍ରୀଙ୍କ ସହ ଜଣେ ଅଭିଭାବକ ଯିବାକୁ ଅନୁମତି ମିଳୁଥିଲା । ରାଜ୍ୟର ୧୩୨ କେନ୍ଦ୍ରରେ କଡ଼ା ସୁରକ୍ଷା ବଳୟରେ ପ୍ରାୟ ୫୭ ହଜାର ପରୀକ୍ଷାର୍ଥୀ ନିଟ୍-ୟୁଜି ପୁନଃପରୀକ୍ଷା ଦେଇଛନ୍ତି । ଗତକାଲି ମକଡ୍ରିଲ ପରେ ଆଜି କଡ଼ା ସୁରକ୍ଷା ପରୀକ୍ଷା ହୋଇଛି । କେବଳ ଭୁବନେଶ୍ୱରରେ ପରୀକ୍ଷା ଦେଇଛନ୍ତି ୧୦ ହଜାରରୁ ଅଧିକ ପିଲା । ଦିନ ୧୧ଟାରୁ ପରୀକ୍ଷାକେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ ପ୍ରବେଶ ଅନୁମତି ମିଳିଥିଲା । ରେଜିଷ୍ଟ୍ରେସନ, ବାୟୋମେଟ୍ରିକ୍ସ, ଫ୍ରିସ୍କିଂ ପରେ ଦିନ ୨ ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ଣ ୫ଟା ୧୫ ଯାଏଁ ଚାଲିଥିଲା । ଦ୍ୱିତୀୟ ଥର ନିଟ-ୟୁଜି ପରୀକ୍ଷା ଚାପ ସତ୍ତ୍ୱେ ପ୍ରସ୍ତୁତି ପାଇଁ ସମୟ ମିଳିଥିବାରୁ ଭଲ ହେବ ବୋଲି ଆଶାବାଦୀ ଅଛନ୍ତି ପରୀକ୍ଷାର୍ଥୀ । ଦେଶରେ ୫୦୦ରୁ ଅଧିକ ସହରରେ ନିଟ-ୟୁଜି ପୁନଃ

◆◆ପୃଷ୍ଠା ୭

## ଯୋଗମୟ ସାରାବିଶ୍ୱ: ଫିଟ୍ ରହିବାକୁ ମୋଦୀଙ୍କ ମନ୍ତ୍ର

### କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ: ସାମିଲ ହେଲ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ/ ଭୁବନେଶ୍ୱର,୨୧/୬ : ସାରାବିଶ୍ୱରେ ପାଳିତ ହୋଇଛି ଅନ୍ତର୍ଜାତୀୟ ଯୋଗ ଦିବସ । ଏହି ଦିବସ ଆଜି ଏକ ଉତ୍ସବରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସେଲିବ୍ରିଟି, ସାଧାରଣ ମଣିଷ ଏହି ଅବସରରେ ସକାଳୁ ସକାଳୁ ଯୋଗ କରିଛନ୍ତି । ଫିଟ୍ ରହିବାକୁ ବାର୍ତ୍ତା ଦେଇଛନ୍ତି । ଦିନେ ମୁନି ଋଷି, ସାଧୁ ସନ୍ଥ ଓ କ୍ରୀଡାବିତଙ୍କ ମଧ୍ୟରେ ସୀମିତ ଥିବା ଯୋଗ ପ୍ରତି ଏବେ ବଢୁଛି ଉତ୍ସାହ । ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଚାରିଆଡୁ ଆସିଥିବା ଦୃଶ୍ୟ ତାର ପ୍ରମାଣ । ବଢୁଥିବା ଶାରୀରିକ ଅସୁସ୍ଥତା, ମାନସିକ ଚାପରୁ ମୁକ୍ତି ସହ ସୁସ୍ଥ ରହିବା ପାଇଁ ସବୁ ବର୍ଗର ଲୋକ କରିଛନ୍ତି ଯୋଗ । ପଶ୍ଚିମବଙ୍ଗ କୋଲକାତାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାଯ୍ୟକ୍ରମରେ ସାମିଲ ହୋଇ ଯୋଗ କରିବା ସହ ସୁସ୍ଥ ରହିବାର ମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । କହିଛନ୍ତି, ଯୋଗ ଏକ ସୁସ୍ଥ ଜୀବନର ମୂଳଦୁଆ । ଯୋଗ କେବଳ ଏକ ବ୍ୟାୟାମ ନୁହେଁ, ଜୀବନରେ ସନ୍ତୁଳନ ଆଣିବାର ଏକ ମାଧ୍ୟମ । ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ଜରୁରୀ । ଯୋଗ ଜଣେ ବ୍ୟକ୍ତିଙ୍କୁ ଆଗକୁ ବଢ଼ିବା ଏବଂ ଜୀବନସାରା ନିରନ୍ତର ବିକାଶ ପାଇଁ ପ୍ରେରଣା ଦିଏ । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଅନ୍ୟମାନଙ୍କ ଗହଣରେ ବସି ସାମୂହିକ ଭାବେ ପ୍ରତ୍ୟକ୍ଷ ଯୋଗାଭ୍ୟାସ କରିଛନ୍ତି । ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ପାଇଁ

◆◆ପୃଷ୍ଠା ୭

## ଦିଲ୍ଲୀପ କୁମାର ବେହେରାଙ୍କ ଦ୍ୱିତୀୟ କବିତା ପୁସ୍ତକ 'ମୂର୍ଚ୍ଛନା'ର ଶୁଭ ଉନ୍ମୋଚନ ଉତ୍ସବ



ବାଲେଶ୍ୱର, ୨୧/୬ (ନି.ପ୍ର): ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର ଦ୍ୱାରା ପ୍ରକାଶିତ ଦିଲ୍ଲୀପ କୁମାର ବେହେରାଙ୍କ ଦ୍ୱିତୀୟ କବିତା ପୁସ୍ତକ 'ମୂର୍ଚ୍ଛନା'ର ଶୁଭ ଉନ୍ମୋଚନ କ୍ଷେତ୍ରସନକ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡକ୍ଟର କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ଡକ୍ଟର ରାଖାଲ ଚନ୍ଦ୍ର ଘଡ଼ାଇ, ଡକ୍ଟର ନୀଳକଣ୍ଠ ଖଣ୍ଡା, ଅଧ୍ୟାପକ ରମାକାନ୍ତ ଦେ, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା କବୀ ସୈରିନ୍ଧ୍ରୀ ସାହୁ, ଆଡ଼ଭୋକେଟ ତଥା ଗାଳ୍ପିକ ଚିନ୍ମୟ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ଓ ଲେଖକଙ୍କ ସଂପର୍କରେ ଆଲୋଚନା କରି ଏହି କବିତା ସଂକଳନରେ ସ୍ଥାନିତ କବିତାଗୁଡିକ ଖୁବ୍ ଶିକ୍ଷଣୀୟ ବୋଲି କହିଥିଲେ । ଆକାଶବାଣୀ ସମ୍ବଲପୁରର ଉଦ୍‌ଘୋଷିକା ମିତା ପଟ୍ଟନାୟକ ଏହି ଉତ୍ସବରେ ସଂଯୋଜନା କରିଥିଲା ବେଳେ ଲେଖକ ଦିଲ୍ଲୀପ କୁମାର ବେହେରା ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଲେଖକ ଓ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ ।

## ସାଂଗଠନିକ କାର୍ଯ୍ୟକଳାପର ସମୀକ୍ଷା ପାଇଁ ଛତିଶଗଡ଼ରେ ପହଂଚିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୨୧/୬ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଦିନ ଏକ ଦିନର ଗସ୍ତରେ ଛତିଶଗଡ଼ରେ ପହଂଚିଛନ୍ତି। ରାୟପୁର ବିମାନବନ୍ଦରରେ କଂଗ୍ରେସ କର୍ମୀମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ରାହୁଲ ଗାନ୍ଧୀ ୧୦ ଦିନିଆ ଆବାସିକ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ଏବଂ ଏକ ସାଂଗଠନିକ ସମୀକ୍ଷା କରିବେ। ରାହୁଲ ଗାନ୍ଧୀ ମାନା ବିମାନବନ୍ଦରରୁ ସିଧା ଆଭନପୁର ଅଭିମୁଖେ ଉଡ଼ାଣ ଭରିଥିଲେ, ଯେଉଁଠାରେ ସେ କଂଗ୍ରେସର ୧୦ ଦିନିଆ ଆବାସିକ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ସାଂଗଠନିକ କାର୍ଯ୍ୟକଳାପର ସମୀକ୍ଷା କରିବେ ଏବଂ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ କଥାବାର୍ତ୍ତା କରିବେ।

◆◆ପୃଷ୍ଠା ୭


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

| FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent |
|---|---|---|---|

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


## ଶେଷ ମୁହୂର୍ତ୍ତରେ ସତ୍ୟପାଠ ଦାଖଲର ଯୁଗ ଶେଷ: ଜାରି ହେଲା ଏସଓପି, ପ୍ରତି ମାସରେ ହେବ ସମୀକ୍ଷା

ଭୁବନେଶ୍ୱର, ୨୧/୬ (ନି.ପ୍ର): ଅଦାଲତରେ ସମୟସୀମା ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ । ଜାରି ହେଲା ଝଙ୍ଚ । ଶେଷ ମୁହୂର୍ତ୍ତରେ ଫାଇଲିଂ ଉପରେ ରୋକ। ପ୍ରତି ମାସରେ ହେବ ସଚିବସ୍ତରୀୟ ସମୀକ୍ଷା । ସୁପ୍ରିମକୋର୍ଟ, ଓଡ଼ିଶା ହାଇକୋର୍ଟ ଓ ବିଭିନ୍ନ ଟ୍ରିବ୍ୟୁନାଲରେ ସରକାରୀ ବିଭାଗ ପକ୍ଷରୁ ସମୟ ମଧ୍ୟରେ ସତ୍ୟପାଠ ଓ ନିର୍ଦ୍ଦେଶନାମା ଦାଖଲ ନ ହେବା ଯୋଗୁଁ ବାରମ୍ବାର ସରକାରଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ଅନେକ ମାମଲାରେ ଅଦାଲତଙ୍କ ନିର୍ଦ୍ଦେଶ ପାଳନରେ ବିଳମ୍ବ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସତ୍ୟପାଠ ଦାଖଲ ନ ହେବା ଫଳରେ ସମ୍ପୃକ୍ତ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ ପଡୁଛି । କେତେକ କ୍ଷେତ୍ରରେ ଅବମାନନା ମାମଲା ଆରମ୍ଭ ହେବା ସହ ସରକାରୀ ସମ୍ପତ୍ତି ଜବତ ଭଳି ପରିସ୍ଥିତି ମଧ ସୃଷ୍ଟି ହେଉଛି । ଏହି କାରଣରୁ ଜବାବଦେହିତା ବଢ଼ାଇବା ଲକ୍ଷ୍ୟରେ ନୂଆ ଝଙ୍ଚ ପ୍ରଣୟନ କରାଯାଇଛି ।

# ଫ୍ରେଣ୍ଡଲି ଯୋଗ ଓ ପୋର୍ଟକ୍ଲବ୍ ପାରାଦୀପ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ




ପାରାଦୀପ, ୨୧/୬ (ନି.ପ୍ର): ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ସ୍ଥାନୀୟ ପୋର୍ଟକ୍ଲବ୍, ନୂଆବଜାର ପରିସରରେ ଫ୍ରେଣ୍ଡଲି ଯୋଗ ଓ ପୋର୍ଟ କ୍ଲବର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ଯୋଗଗୁରୁ ବିଭୂତି ଭୂଷଣ ସାହୁ(ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଯୋଗଗୁରୁ ଯୋଗ ଶିକ୍ଷା ଦେବା ସହିତ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଉପରେ ଗୁରୁତ୍ୱାରୋପ କରିବା ସହ ଶରୀର ପାଇଁ ଯୋଗ ର ଆବଶ୍ୟକତା ରହିଛି ବୋଲି କହିଥିଲେ । ଯୋଗ ଏକ ଧାରା ନୁହେଁ ବରଂ ଜୀବନର ଏକ ବିଜ୍ଞାନ ଯାହା ରତୁ ସହିତ ଖାପ ଖୁଆଇ ଥାଏ । ଆମର ପୂର୍ବ ପୁରୁଷ ମାନେ ଶରିର କୁ ରତୁ ସହିତ ଖାପ ଖୁଆଇବା ଶିଖାଇଥିଲେ । ଏହି କାରଣରୁ ଆୟୁର୍ବେଦ ଏବଂ ଯୋଗ ଉଭୟରେ ରତୁ କାଳୀନ କାର୍ଯ୍ୟ ପଦ୍ଧତିକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି । ଶିତର କଠୋରତା, ଗ୍ରୀଷ୍ମର ଗରମ ଏବଂ ବର୍ଷାର ଆଳସ୍ୟ ପ୍ରତ୍ୟେକ ରତୁର ଶରିର ଉପରେ ଭିନ୍ନ ପ୍ରଭାବ ପଡ଼ିଥାଏ ।ସେହି ଅନୁସାରେ ଯୋଗ ଆସନ ଗ୍ରହଣ କରିବା ସନ୍ତୁଳିତ ସ୍ୱାସ୍ଥ୍ୟର ଚାବିକାଠି । ଆଜି ସବୁଠାରୁ ବଡ ଭୁଲ ହେଉଛି, ଲୋକମାନେ ବର୍ଷସାରା ସମାନ ଯୋଗ ଅଭ୍ୟାସ କରନ୍ତି ।ପରିଣାମ ସ୍ୱରୂପ କେତେବେଳେ ଥକ୍କା ପଣ,ଯନ୍ତ୍ରଣା, ଚିଡ଼ିଚିଡ଼ା ପଣ ।ସତ୍ୟ ହେଉଛି ପ୍ରତ୍ୟେକ ରତୁ ପାଇଁ ଭିନ୍ନ ଭିନ୍ନ ଯୋଗ ଆସନ ରହିଛି ।ଶରିର ଏକ ମେସିନ ନୁହେଁ ବରଂ ପ୍ରକୃତି ସହିତ ଜଡିତ ଏକ ଜୀବନ୍ତ ବ୍ୟବସ୍ଥା ।ରତୁ ପରିବର୍ତ୍ତନ ହେବା ସହିତ ଶରୀରର ଆବଶ୍ୟକତା ମଧ ପରିବର୍ତ୍ତନ ହୁଏ ।ପ୍ରତ୍ୟେକ ରତୁରେ ଏକ ପ୍ରକାର ଯୋଗାସନ କରିବା ଗ୍ରୀଷ୍ମ ରତୁର ପୋଷାକ ପିନ୍ଧିବା ଭଳି ।ପ୍ରକୃତ ଯୋଗ ହେଉଛି ଶରୀରର ମନ ଏବଂ ରତୁର ସନ୍ତୁଳନ ।ଯେଉଁ ବ୍ୟକ୍ତି ରତୁ ଅନୁସାରେ ଯୋଗାଭ୍ୟାସ କରନ୍ତି ତାଙ୍କୁ କମ୍ ଔଷଧ ଆବଶ୍ୟକ ପଡେ । ଥଣ୍ଡାରେ ଶରୀରର ଉଷ୍ମତା ହ୍ରାସ ପାଏ, ମାଂସପେଶୀ କଠିନ ହୋଇଯାଏ ଏବଂ ଆଳସ୍ୟ ବଢ଼ିଯାଏ । ଏହି ରତୁରେ ସୂର୍ଯ୍ୟ ନମସ୍କାର, ଭୁଜଂଗ ଆସନ, ଧନୁରାସନ, କପାଳ ଭାତୀ ଏବଂ ଭସ୍ତିକା ଆସନ ଶରୀରକୁ ଉଷ୍ମ ରଖେ ଓ ରକ୍ତ ସଞ୍ଚାଳନ ଉନ୍ନତ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।ଗ୍ରୀଷ୍ମ ରତୁରେ କାହିଁକି ତୀବ୍ର ଯୋଗ କ୍ଷତି କାରକ ହୋଇଥାଏ ଗ୍ରୀଷ୍ମ ରତୁରେ ଶରିର ପୂର୍ବରୁ ଉଷ୍ମ ରହିଥାଏ ।ଅତ୍ୟଧିକ ତୀବ୍ର ଯୋଗ ଶରୀରକୁ କ୍ଳାନ୍ତ କରିପାରେ ।ମୁଣ୍ଡ ବୁଲାଇବା ଏବଂ ଜଳୀୟ ଅଂଶ କମ୍ ହୋଇପାରେ ।ଏହି ରତୁରେ ଯୋଗର ଲକ୍ଷ୍ୟ ଶିତଳତା ଏବଂ ସନ୍ତୁଳନ ହେବା ଉଚିତ ।ବର୍ଷା ରତୁରେ ଯୋଗ କାହିଁକି ବିଶେଷ ଗୁରୁତ୍ତ୍ୱୋପୂର୍ଣ୍ଣ ବର୍ଷା ରତୁରେ ପାଚନ ଶକ୍ତି ଦୁର୍ବଳ ହୋଇଥାଏ ।ଶରିର ଭାରି ଭାରି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ ।ଏଣୁ ବିଭିନ୍ନ ରତୁରେ ଭିନ୍ନ ଭିନ୍ନ ଯୋଗ କରାଯାଇଥାଏ । ଆଜିର ଏହି କାର୍ଯ୍ୟକ୍ରମରେ ତାପସ ମହାନ୍ତି, ଆଲୋକ ମହାପାତ୍ର, ଗୌତମ ନାଏକ, ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, ତ୍ରିଲୋଚନ ସୋରେନ, କୁଳମଣି ସାହୁ, ସୁରେନ୍ଦ୍ର ମହାପାତ୍ର, ଦିପୁ ବାବୁ, ପ୍ରଭାସ ସାହୁ, ରମାକାନ୍ତ ନାୟକ, ଶ୍ୟାମସୁନ୍ଦର ଦାସ, ସତ୍ୟବ୍ରତ ଜେନା, ଲକି ବାବା ଓ ଶିବ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ଏବଂ ତତ୍ ସହିତ ପୋର୍ଟ କ୍ଲବ୍ ଓ ଫ୍ରେଣ୍ଡଲି ଯୋଗର ଶତାଧିକ ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି ଯୋଗ ଦିବସଟିକୁ ସଫଳ କରିଥିଲେ ।

# ଶ୍ରୀ ବଳଦେବଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟକୁ ସମୀକ୍ଷା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୨୧/୦୬ (ନି.ପ୍ର): ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ବଳଦେବ ଜୀୟୁଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ରଥ ନିର୍ମାଣ କମିଟି ସହିତ ଶୁକ୍ରବାର ଦିନ ମନ୍ଦିରର ଯାତ୍ରୀନିବାସ ସଭାଗୃହରେ ଟ୍ରଷ୍ଟ ବୋର୍ଡର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟର ଉପସ୍ଥିତ ରହି ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥର ମୁଖ୍ୟ ଭୋଇ ମହାରଣା ଆସି ରଥ ନିର୍ମାଣକୁ ଅନୁଧ୍ୟାନ କରିବା ପାଇଁ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରିବାକୁ ସ୍ଥିର କରାଗଲା। ଏଥିସହିତ ଭୁବନେଶ୍ୱରର ଆଇ.ଆଇ.ଟି ଇଞ୍ଜିନିୟର ମାନସ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଆସି ରଥ ନିର୍ମାଣର ଅନୁଧ୍ୟାନ କରିବେ ବୋଲି ସମ୍ମତି ପ୍ରକାଶ କରିଛନ୍ତି ବୋଲି ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି। ଜିଲ୍ଲାପାଳ ଶ୍ରୀ ଆୟର ସୂଚନା ଦେଇଥିଲେ ଯେ ପୁରୀ ଶ୍ରୀ ମନ୍ଦିର ପ୍ରଶାସନ ତରଫରୁ ଶ୍ରୀ ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ରଥର ଏକ ଚକ ଅଣାଯାଇ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସୁରକ୍ଷିତ ଭାବରେ ରଖାଯିବ। ରଥ ଦାଣ୍ଡ ପାଶ୍ୱର୍ରେ କଲଭର୍ଟ ଓ ଡ୍ରେନ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ରାସ୍ତା ଓ କୋଠାବାଡି ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଜିୟୁଙ୍କ ଚନ୍ଦନ ପୋଖରୀ ପଙ୍କ ଉଦ୍ଧାର, ସଫେଇ ଓ ଚନ୍ଦନ ତାଲା ମନ୍ଦିରର ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ଜୁନ ୧୮ ତାରିଖରେ ଟ୍ରଷ୍ଟ ବୋର୍ଡର ସଭାପତି ଅତିରିକ୍ତ ଜିଲ୍ଲାପାଳ ଓ ସଭ୍ୟମାନେ ଚନ୍ଦନ ପୋଖରୀ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିଥିଲେ ଓ ସେ ସମ୍ପର୍କରେ ବୈଠକରେ ଆଲୋଚଲା କରାଯାଇଥିଲା। ଏହି କାର୍ଯ୍ୟ ଯଥା ଶୀଘ୍ର ସରିବା ପାଇଁ ଟ୍ରଷ୍ଟ ବୋର୍ଡକୁ ପରାମର୍ଶ ଦେଇଥିଲେ। ମନ୍ଦିରର ସେବାୟତଙ୍କ ପକ୍ଷରୁ ଅନୁରୋଧ କରାଯାଇଥିବା ନିତୀକାନ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ତହସିଲଦାର କୁଇନ ଜେନା, କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ପୂର୍ତ୍ତବିଭାଗର ଇଞ୍ଜିନିୟରମାନେ, ଟ୍ରଷ୍ଟ ବୋର୍ଡ ସଭ୍ୟ ପଣ୍ଡିତ ହୃଶୀକେଷ ରଥ, ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଅନନ୍ତ ଚରଣ କର, ରଞ୍ଜନ କୁମାର ପୃଷ୍ଟି, ଅକ୍ଷୟ ମେକାପ, ଟୁକୁ ପତ୍ରୀ, ଉମାକାନ୍ତ ବଳ, ରଘୁନାଥ ମହାରଣା, ପୁପୁନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଜିଲ୍ଲାସ୍ତରୀୟ ଆମ୍ବ ମେଳା ଗାଁ ଆମ୍ବ ପସରା ଉଦ୍‌ଘାଟିତ

ନୂଆପଡ଼ା, ୨୧/୦୬ (ନି.ପ୍ର): ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି(ଓରମାସ) ଏବଂ ନୂଆପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟାଳୟ ପରିସରରେ ପାଂଚଦିନିଆ ଜିଲ୍ଲାସ୍ତରୀୟ ଆମ୍ବ ମେଳା-୨୦୨୬ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଏହି ଅବସରରେ ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଡିଏଫ୍ଓ ବନ୍ୟଜନ୍ତୁ ସମୀର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଓରମାସ ଡେପୁଟି ସିଇଓ ବିଦେଶ ଘୋଷ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷର ଆମ୍ବ ମେଳାରେ ଜିଲ୍ଲାର ସ୍ଥାନୀୟ ଚାଷୀ ଓ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରାୟ ୪୫ଟି ଉନ୍ନତ ପ୍ରଜାତିର ଆମ୍ବ ପ୍ରଦର୍ଶିତ ହୋଇଛି। ଏଥିରେ ମିୟାଜାକି, ଅମୃତମ୍ ଆଇସ୍ ବକ୍ସ, ବାନାନା ମ୍ୟାଙ୍ଗୋ, ୟୋୱିନ୍ ମ୍ୟାଙ୍ଗୋ, ଥାଇ ହ୍ୱାଇଟ୍, ଅରୁଣିମା, ଲାଲିମା, ନୀଳେଶ୍ୱରୀ ଓ ରୋମାନୀ ରନ୍ ପ୍ରମୁଖ ଆକର୍ଷଣୀୟ ପ୍ରଜାତିର ଆମ୍ବ ସ୍ଥାନ ପାଇଛି। ଜିଲ୍ଲାରେ ଆମ୍ବ ଚାଷକୁ ପ୍ରୋତ୍ସାହିତ କରିବା, ଚାଷୀମାନଙ୍କ ପାଇଁ ବିପଣନ ସୁଯୋଗ ସୃଷ୍ଟି କରିବା, ଉନ୍ନତ ପ୍ରଜାତିର ଆମ୍ବ ଚାଷ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ମେଳାର ଉଦ୍ଦେଶ୍ୟ। ଉଲ୍ଲେଖଯୋଗ୍ୟ ଯେ, ଏହି ମେଳା ଆସନ୍ତା ୨୪ ଜୁନ ପର୍ଯ୍ୟନ୍ତ ଚାଲିବକ୍ଷ ଜନସାଧାରଣ ମେଳା ପରିଦର୍ଶନ କରିବା ସହ ବିଭିନ୍ନ ପ୍ରଜାତିର ଆମ୍ବ କ୍ରୟ କରିପାରିବେ।

# ଭାରତୀୟ ତଟ ରକ୍ଷକ ବାହିନୀ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ପାରାଦୀପ, ୨୧/୦୬ (ନି.ପ୍ର): ଭାରତୀୟ ତଟ ରକ୍ଷକ ବାହିନୀ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ, ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ ପାରାଦୀପ ଠାରେ ୧୦ ଜୁନ ରୁ ୨୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଯୋଗ ଅଧିବେଶନର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ଏହା ୨୧ ଜୁନ୍ ରେ ଏକ ମୁଖ୍ୟ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସମ୍ପ୍ରଦାୟ, ଡିଏସସି କର୍ମଚାରୀ, ସ୍କୁଲ ଏବଂ କଲେଜ ଛାତ୍ର ଏବଂ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଯୋଗର ଶାରୀରିକ ଏବଂ ମାନସିକ ଲାଭ ବିଷୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ,ଏହି ପଦକ୍ଷେପ ଚଳିତ ବର୍ଷର ବିଷୟବସ୍ତୁ, ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗକୁ ଅନୁସରଣ କରିଥିଲା ।ମୁଖ୍ୟ କାର୍ଯ୍ୟକ୍ରମ ପାରାଦୀପର ପ୍ରାୟ ୨୫୦ ଜଣଙ୍କ ସମେତ ଭାରତୀୟ ତଟ ରକ୍ଷକ ବାହିନୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ଧ୍ୟାନ, ଶ୍ୱାସକ୍ରିୟା ବ୍ୟାୟାମ ଏବଂ ଯୋଗ ଆସନ ପ୍ରଦର୍ଶନରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ।ଯୋଗ୍ୟ ପ୍ରଶିକ୍ଷକମାନେ ସାଧାରଣ ଯୋଗ ପ୍ରୋଟୋକଲ ପ୍ରଚଳନ କରିଥିଲେ, ବୟସ-ଉପଯୁକ୍ତ ଅଭ୍ୟାସ ପ୍ରଦର୍ଶନ କରିଥିଲେ ଏବଂ ଅଂଶ ଗ୍ରହଣ କାରୀମାନଙ୍କୁ ଜୀବନବ୍ୟାପୀ ସୁସ୍ଥତା ପାଇଁ ଯୋଗକୁ ଗ୍ରହଣ କରିବା ବିଷୟରେ ସୂଚନା ଦେଇଥିଲେ ।ଶେଷରେ କମାଣ୍ଡର କୋଷ୍ଟ ଗାର୍ଡ (ଓଡ଼ିଶା) ସମସ୍ତ ଅଂଶ ଗ୍ରହଣ କାରୀଙ୍କୁ ସେମାନଙ୍କ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେ। ମାନସିକ ଏବଂ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଦୈନନ୍ଦିନ ଜୀବନରେ ନିୟମିତ ଯୋଗ ଅଭ୍ୟାସକୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ ।ଏହି ବର୍ଷର ବିଷୟବସ୍ତୁ, 'ସ୍ୱସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ'କୁ ପ୍ରତିଫଳିତ କରି, କର୍ମଚାରୀମାନେ ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା ଏବଂ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି ହୋଇଥିଲେ ।କାର୍ଯ୍ୟକ୍ରମରେ ଯୋଗର ସାଂସ୍କୃତିକ ଐତିହ୍ୟ ଉପରେ ସଂକ୍ଷିପ୍ତ ଉପସ୍ଥାପନା ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଦୁର୍ବଳ ଗୋଷ୍ଠୀମାନଙ୍କ ନିକଟରେ ଲକ୍ଷ୍ୟ ରଖାଯାଇଥିଲା।

# ରାଇକମା ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ



ବୈଶିଙ୍ଗା - ୨୧/୬- ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି । ଏହି ଅବସରରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯୋଗ ପ୍ରଶିକ୍ଷିକା ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଜେନା ତଥା ଡାହିସାହିସ୍ଥିତ ଉପସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏହି ଯୋଗ ଶିବିରରେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଯୋଗ, ପ୍ରାଣାୟାମ ଆଦି ଅଭ୍ୟାସ କରାଇବା ସହିତ ଶପଥ ପାଠ କରାଇଥିଲେ । ନିୟମିତ ଯୋଗ, ପ୍ରାଣାୟାମ କଲେ ଶରୀର ସୁସ୍ଥ ରହିବା ସହିତ ମନ ପ୍ରଫୁଲ୍ଲ ରହେ ଏବଂ ପାଠ ପଢିବାରେ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ବୃଦ୍ଧିପାଏ ବୋଲି ପ୍ରଧାନଶିକ୍ଷକ ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଲେମ୍ବୁ ଚାରା ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସରସ୍ୱତୀ ଜେନା, ପ୍ରତିମା ପରିଡା ତଥା ମଣ୍ଟୁ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

# ବିନିକା ବ୍ଲକ୍ ଅଧ୍ୟକ୍ଷାଙ୍କ ଘର ଉପରକୁ ଗୁଳିମାଡ

ସୁବର୍ଣ୍ଣପୁର, ୨୧/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦଙ୍କ ଘର ଉପରକୁ ଗୁଳିମାଡ ହୋଇଛି । ଗତକାଲି ବିଳମ୍ବିତ ରାତିରେ ଦିପ୍ତୀରେଖାଙ୍କ ସିଙ୍ଗିଯୁବା ଗ୍ରାମ ସ୍ଥିତ ଘର ଉପରକୁ ଦୁର୍ବୃତମାନେ ୨୫ ରାଉଣ୍ଡ ଗୁଳି ଚଳାଇଥିଲେ । ଘଟଣା ପରେ ଦୁର୍ବୃତମାନେ ସେଠାରୁ ଫେରାର୍ ହୋଇଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଧରିବାକୁ ଛାନଭିନ୍ ଜାରି ରଖିଛି ପୁଲିସ । ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୧୨ଟା ସମୟରେ ବିନିକା ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦଙ୍କ ସିଙ୍ଗିଯୁବା ଗ୍ରାମ ସ୍ଥିତ ଘର ଉପରକୁ ୨୫ ରାଉଣ୍ଡ ଗୁଳିମାଡ ହୋଇଥିଲା । ଫଳରେ ଘର ସାମ୍ନାରେ ଥିବା ଦୀପ୍ତିରେଖାଙ୍କ ଦୁଇଟି କାର୍ କ୍ଷତିଗ୍ରସ୍ତ ହୋଇଛି । ତେବେ ଏହି ଗୁଳିମାଡ଼ରେ ପରିବାର ଲୋକ କାହାରି କିଛି କ୍ଷତି ହୋଇନାହିଁ। ଦୁର୍ବୃତଙ୍କ ଗୁଳିମାଡରୁ ଅଳ୍ପକେ ବର୍ତି ଯାଇଛନ୍ତି ପରିବାରବର୍ଗ। ଦୁଇଟି କାରର କିଛି ସ୍ଥାନରେ ଗୁଳି ବାଜିଛି । ଫାୟାରିଂ ହୋଇଥିବା ଗୁଳିର ଖୋକା ଗୁଡ଼ିକ ଘର ପରିସରରେ ପଡିରହିଛି। ଏକ କାର୍ ରେ ଦୁର୍ବୃତ ମାନେ ଆସି ଗୁଳି ଫୁଟାଇଥିବା ଜଣାପଡିଛି । ହେଲେ ଏମାନେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଏହି ଗୁଳିମାଡ଼ କରିଛନ୍ତି ତାହା ଜଣାପଡିନାହିଁ । ଗୁଳିମାଡ଼ ହୋଇଥିବା ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦଙ୍କ ସ୍ୱାମୀ ଅଶୋକ ନନ୍ଦ ବର୍ତମାନର ଜିଲ୍ଲା ଯୁବ ବିଜେଡି ସଭାପତି ରହିଛନ୍ତି । ଖବର ପାଇ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ଏବଂ ପୁଲିସ ଟିମ୍ ଘଟଣାସ୍ଥଳରେ ପହଂଚି ଆଖ ପାଖ ଅଂଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ଯାଂଚ୍ କରିବା ସହ ଏନେଇ ଅଧିକ ତଦନ୍ତ ଚଳାଇଛନ୍ତି ।

# ମଣ୍ଡିରୁ ଶୀଘ୍ର ଧାନ ଉଠାଇବା ଦାବିରେ ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଜୟପୁର, ୨୧/୦୬ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋଟପାଡ଼ ଘୁମରର ଚାଷି ଆଜି ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଲେ ଚାଷୀ। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଘୁମର ପିସିସି ପାଇଁ ଅପର୍ଯ୍ୟାପ୍ତ ଟାର୍ଗେଟ ଦିଆଯାଉ, ମିଲରଙ୍କ ଅସହ ଯୋଗ ଯୋଗୁଁ ଚାଷୀ ହଇରାଣ ହେଉଛନ୍ତି। ରାଇସ ମିଲ୍‌ରେ ପର୍ଯ୍ୟାପ୍ତ କ୍ଷମତା ଥିବା ସତ୍ତ୍ୱେ ନିୟମିତ ଭାବରେ ଗାଡ଼ି ପଠାଉ ନାହାଁନ୍ତି। କେବଳ ୫୦ ପ୍ରତିଶତ ଧାନ ଉଠାଇ ବାକି ୫୦ ପ୍ରତିଶତ ଧାନକୁ ମଣ୍ଡିରେ ଛାଡ଼ି ଦେଉଛନ୍ତି। ଫଳରେ ୭.୫୩୭.୪୪ କ୍ୱିଂଟାଲ ଧାନ ମଣ୍ଡିରେ ପଡ଼ି ରହିଛି, ବର୍ଷା ପବନରେ ଧାନ ନଷ୍ଟ ହେବା ଆଶଙ୍କା ରହିଛି। ଏହି ମନମୁଖୀ କାଯ୍ୟକଳାପ ଯୋଗୁଁ ଚାଷୀମାନେ ବାରମ୍ବାର ମଣ୍ଡିକୁ ଆସିବାକୁ ବାଧ ହେଉଛନ୍ତି। ଚାଷୀଙ୍କ ସମୟ, ଅର୍ଥ, ଶ୍ରମର କ୍ଷତି ଘଟୁଛି। ଦାନ ବିକ୍ରୟ ନହେବା ଯୋଗୁଁ ଆର୍ଥିକ ଓ ମାନସିକ ଚାପରେ ରହୁଛନ୍ତି ଚାଷୀ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ, ରାଇସ୍ ମିଲ୍‌କୁ ତୁରନ୍ତ ଶହେ ପ୍ରତିଶତ ବଳକା ଧାନ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଉ, ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଉ ଦାବି ରହିଛି। ଚାଷୀମାନେ ଆଦି ଘୁମର ପିସିସି ପାଇଁ ଅତିରିକ୍ତ ୫, ୫୫୨ ୬୬ କ୍ୱିଂଟାଲ ଟାର୍ଗେଟ ତୁରନ୍ତ ମଞ୍ଜୁର କରାଯାଉ, ଦିଆଯାଇଥିବା ୨ଟି ରାଇସମ ମିଲ୍‌କୁ ଅବିଳମ୍ବେ ଶହେ ପ୍ରତିଶତ ବଳକା ଧାନ ଉଠାଇବୁ ନିର୍ଦ୍ଦେଶ ଦିଆଯାଉ, ମିଲରଙ୍କ ଅନିୟମିତତା ଓ ଚାଷୀ ହଇରାଣ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ପ୍ରଶାସନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ୟୁରିଆ ସାରର ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରାଯାଇ ଦୈନିକ ବଂଟନ କୋଟାକୁ ୭୦ ପ୍ୟାକେଟରୁ ବୃଦ୍ଧି କରି ଅତିକମରେ ୨ ଶହ ପ୍ୟାକେଟ କରାଯାଉ, ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ନିମନ୍ତେ ସମଗ୍ର ବିଷୟରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଘୁମର ମଣ୍ଡିରେ ୪୦୨ ଜଣ ଚାଷୀ ପଞ୍ଜିକୃତ କରିଥିବାବେଳେ ୭,୫୩୬.୪୪ କ୍ୱିଂଟାଲ ଧାନ ବଳକା ରହିଛି। ତୁରନ୍ତଦାବି ପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ସଞ୍ଜୟ କୁମାର ବେହେରା, ସୁରେଶ ମାଝୀ, ସୁନାଧର ରଣା ଭାସ୍କର ନାୟକ ପ୍ରମୁଖ ଚେତାବନି ଦେଇଛନ୍ତି। ସେହିପରି ଜୟପୁର ବ୍ଲକ ଅନ୍ତର୍ଗତ ଘିଉରିର ଚାଷୀମାନେ ମଧ ଆଜି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଧାନ ଶୀଘ୍ର ଉଠାଇବାକୁ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୩ତମ କିସ୍ତି ପ୍ରଦାନ

ଜୟପୁର, ୨୧/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୩ତମ କିସ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପଶ୍ଚିମବଙ୍ଗର ତାରକେଶ୍ୱର, ହୁଗୁଳି ଠାରେ ଉନ୍ମୋଚନ କରାଯାଇଥିଲା। ଏହା ଦେଶର ସମସ୍ତ ସ୍ଥାନରେ ସିଧାପ୍ରସାରଣ କରାଯାଉଥିଲା। ଏହା କୋରାପୁଟ ଜିଲ୍ଲାର ସଂସ୍କୃତି ଭବନ ଠାରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ, କୋରାପୁଟ, ରଘୁରାମ ମାଛ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କୋରାପୁଟ, କୃଷି ଜିଲ୍ଲା ଅଧିକାରୀ କୋରାପୁଟ, କୃଷି ଜିଲ୍ଲା ଅଧିକାରୀ, ଜୟପୁର, କୃଷି ଜିଲ୍ଲା ଅଧିକାରୀ ନନ୍ଦପୁର, ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି କୋରାପୁଟ, ବରିଷ୍ଠ ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର କୋରାପୁଟ, କୋରାପୁଟ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ବାରିପଦା ଷ୍ଟାଡିୟମରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ବାରିପଦା, ୨୧/୦୬ (ନି.ପ୍ର): ବାରିପଦା ଷ୍ଟାଡିୟମଠାରେ ଆଜି ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗାଭ୍ୟାସରେ ସାମିଲ ହେବା ସହିତ ସୁସ୍ଥ, ନିରୋଗ ଓ ଚାପମୁକ୍ତ ଜୀବନ ପାଇଁ ବୟସ୍କ, ଯୁବ ଓ ଛାତ୍ରଛାତ୍ରୀଙ୍କୁ ନିୟମିତ ଯୋଗାଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ "ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ" ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ ଯେ, ବୟସ ବଢ଼ିବା ସହିତ ଦେଖାଦେଉଥିବା ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣ ଭଳି ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ସହଜ ସମାଧାନ ଯୋଗ ଓ ପ୍ରାଣାୟାମ ମାଧ୍ୟମରେ ସମ୍ଭବ। ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ରୁ ୩୦ ମିନିଟ୍ ଯୋଗାଭ୍ୟାସ କରିବାକୁ ସେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଆହୁରି କହିଥିଲେ ଯେ, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର। ଯୋଗ ଏକ ପୂର୍ଣ୍ଣାଙ୍ଗ ଜୀବନ ଦର୍ଶନ ଏବଂ ନିରୋଗ ଜୀବନଯାପନର ଏକ ସମ୍ପୂର୍ଣ୍ଣ ବିଜ୍ଞାନ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିପାରିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ଜିଲ୍ଲାପାଳ ଶ୍ରୀ ହେମାକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ବରୁଣ ଗୁଣ୍ଠପାଲି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ ଓ ଶ୍ରୀ ଇଶ୍ୱର ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହାସହ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପତଞ୍ଜଳି ଯୋଗ ଶିବିର, ସ୍ୱାମୀ ବିବେକାନନ୍ଦ ଯୋଗ ସଂଗଠନ, ଆର୍ଟ ଅଫ ଲିଭିଂ ସଂଗଠନ, କ୍ରୀଡ଼ା ଛାତ୍ରାବାସ, ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବୟୋଜ୍ୟେଷ୍ଠ ନାଗରିକ, ବାରିପଦା କ୍ରୀଡ଼ା ସଂସ୍ଥାର କର୍ମକର୍ତ୍ତା ଓ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ ଆଥଲେଟିକ୍ କୋଚ୍ ଶ୍ରୀ କୁମାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ଼ଃ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଏହାର ଆୟୋଜନ କରାଯାଇଥିଲା। ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ବିଭାଗ ଓ ଯୋଗ ମହୋତ୍ସବ ସମିତି, ମୟୂରଭଞ୍ଜର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଡଏଭି ସ୍କୁଲ ପାରାଦ୍ୱୀପ ପୋର୍ଟର ଅନ୍ତର୍ଜାତୀୟ ଯୋଗ ଦିବସ ଏବଂ ବିଶ୍ୱ ସଙ୍ଗୀତ ଦିବସ ପାଳିତ

## ଗୋଟିଏ ବିଶ୍ୱ, ଗୋଟିଏ ନିଶ୍ୱାସ, ଗୋଟିଏ ତାଳ, ଗୋଟିଏ ସମନ୍ୱୟ




ପାରାଦୀପ, ୨୧/୦୬ (ନି.ପ୍ର): ପାରାଦ୍ୱୀପ ପୋର୍ଟ ଡ଼ିଏଭି ପବ୍ଲିକ୍ ସ୍କୁଲ୍ ରେ ଆଜି ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ଏବଂ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଥିଲା। 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ବିଷୟବସ୍ତୁ ଉପରେ ସକାଳ ୬:୩୦ ରୁ ୮:୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଟି ଆନୁଷ୍ଠାନିକ ଭାବେ ଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହୋଇଥିଲା, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତି ସୌଭାଗିନୀ ପାଢ଼ୀ ଓ ଶିକ୍ଷକ ମନୋଜ କୁମାର ରଥଙ୍କ ତତ୍ତ୍ୱାବଧାନରେ ଯୋଗ କାର୍ଯ୍ୟ ଆରମ୍ଭ ହୋଇଥିଲା । ତା'ପରେ ଡିଏଭି ସଂଗୀତ ଏବଂ ଏକ ସୁମଧୁର ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ଏକାଡେମିକ୍ ସଂଯୋଜକ ହୃଷିକେଶ ପ୍ରଧାନ ସଭାକୁ ସମ୍ବୋଧିତ କରିଥିଲେ ଏବଂ ନବମ ଶ୍ରେଣୀର ଛାତ୍ର ଅନିମେଶ ସ୍ୱାଇଁ ଏକ ଭାଷଣ ଦେଇଥିଲେ ଯିଏ ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି ଏବଂ ଭାବପ୍ରବଣ ସୁସ୍ଥତା ବଜାୟ ରଖିବାରେ ଯୋଗ ଏବଂ ସଙ୍ଗୀତର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଏକ ସାମୂହିକ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ସହିତ ସମର୍ପିତ ଏବଂ ଉତ୍ସାହର ସହିତ ବିଭିନ୍ନ ଯୋଗାସନ ଏବଂ ଶ୍ୱାସକ୍ରିୟା ବ୍ୟାୟାମ କରିଥିଲେ। ଏହି ଅଧିବେଶନରେ ଏକ ସୁସ୍ଥ ଏବଂ ସନ୍ତୁଳିତ ଜୀବନଯାପନ କରିବାରେ ଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଉତ୍ସବରେ ବିଶ୍ୱ ସଙ୍ଗୀତ ଦିବସକୁ ମଧ ପାଳନ କରାଯାଇଥିଲା, ଯାହା ସଦ୍ଭାବନା, ସୃଜନଶୀଳତା ଏବଂ ଆନ୍ତରିକ ଶାନ୍ତି ବୃଦ୍ଧି କରିବାରେ ସଙ୍ଗୀତର ଶକ୍ତିକୁ ସ୍ୱୀକୃତି ଦେଇଥିଲା ।କାର୍ଯ୍ୟକ୍ରମଟି ଶ୍ରୀମତୀ ପ୍ରୀତିପ୍ରଜ୍ଞା ହୋତାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହିତ ଶେଷ ହୋଇଥିଲା।

ଦେଶରେ ପୁଣି ଥରେ ଏକ ବିପଦଜନକ ଭାଇରସ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ନିପା ଭାଇରସ ଏକ ସାଧାରଣ ରୋଗ ନୁହେଁ। ଏହା ଦ୍ରୁତ ଗତିରେ ବ୍ୟାପିପାରେ ଏବଂ ଅନେକ କ୍ଷେତ୍ରରେ ଘାତକ ମଧ୍ୟ ହୋଇପାରେ। ଏହି କାରଣରୁ, ଯେତେବେଳେ ବି ନିପା ମାମଲା ରିପୋର୍ଟ ହୁଏ, ଭୟର ବାତାବରଣ ସୃଷ୍ଟି ହୁଏ। ଏହି ଭାଇରସର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହାର କୌଣସି ନିର୍ଣ୍ଣାୟକ ଔଷଧ କିମ୍ବା ଟିକା ଏପର୍ଯ୍ୟନ୍ତ ନାହିଁ। ତେଣୁ, ପ୍ରତିରୋଧକୁ ସର୍ବୋତ୍ତମ ସମାଧାନ ଭାବରେ ବିବେଚନା କରାଯାଏ। ତେଣୁ, ଆସନ୍ତୁ ବୁଝିବା ନିପାହ ଭାଇରସ କେତେ ବିପଦପୂର୍ଣ୍ଣ ଏବଂ କେତେବେଳେ ଜୀବନ ବଞ୍ଚାଇବା କଷ୍ଟକର ହୋଇଯାଏ।

*ନିପା ଭାଇରସ୍ କ'ଣ ?*
ନିପା ଭାଇରସ୍ ଏକ ଜୁନୋଟିକ୍ ଭାଇରସ୍, ଅର୍ଥାତ୍ ଏହା ପଶୁଙ୍କଠାରୁ ମଣିଷକୁ ବ୍ୟାପିଥାଏ। ଏହି ଭାଇରସ୍‌ର ପ୍ରାଥମିକ ଉତ୍ସ ହେଉଛି ଫଳ ବାଦୁଡ଼ି, ଯାହାକୁ ଉଡ଼ନ୍ତା ଶୃଗାଳ ମଧ୍ୟ କୁହାଯାଏ। ଏହି ଭାଇରସ୍ ପ୍ରଥମେ ୧୯୯୯ ମସିହାରେ ମାଲେସିଆରେ ଆବିଷ୍କୃତ ହୋଇଥିଲା। ସେତେବେଳେ, ଏହା




ବାଦୁଡ଼ିରୁ ଘୁଷୁରୀକୁ ବ୍ୟାପିଥିଲା ? ଏବଂ ତା'ପରେ ଘୁଷୁରୀ ସଂସ୍ପର୍ଶରେ ଆସିଥିବା ମଣିଷମାନଙ୍କୁ ସଂକ୍ରମିତ କରିଥିଲା। ସେହି ପ୍ରକୋପରେ ଶହ ଶହ ଲୋକ ଅସୁସ୍ଥ ହୋଇଥିଲେ ଏବଂ ଅନେକ ଲୋକ ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ ସମୟରେ ଭାରତ ଏବଂ ବାଂଲାଦେଶରେ ଏହି ମାମଲା ରିପୋର୍ଟ ହୋଇଛି।

*ନିପା ଭାଇରସ କେତେ ବିପଦପୂର୍ଣ୍ଣ ?*
ନିପା ଭାଇରସକୁ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ କାରଣ ଏହାର ମୃତ୍ୟୁହାର ଅଧିକ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଏହି ଭାଇରସ ୪୦ ରୁ ୭୦ ପ୍ରତିଶତ ରୋଗୀଙ୍କୁ ମାରିପାରେ। ଏହି ଭାଇରସ ସିଧାସଳଖ ମସ୍ତିଷ୍କକୁ ପ୍ରଭାବିତ କରେ ଏବଂ ମସ୍ତିଷ୍କ ପ୍ରଦାହ (ଏନସ୍ଫେଲାଇଟିସ୍) ସୃଷ୍ଟି କରିପାରେ। ଏହି କାରଣରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିପା ଭାଇରସକୁ ସବୁଠାରୁ ବିପଦପୂର୍ଣ୍ଣ ରୋଗ ତାଲିକାରେ ଅନ୍ତର୍ଭୁକ୍ତ କରିଛି।

*ନିପା ଭାଇରସର ଲକ୍ଷଣଗୁଡ଼ିକ କ'ଣ ?*
ନିପା ଭାଇରସର ଲକ୍ଷଣ ସାଧାରଣତଃ ସଂକ୍ରମଣର ୪ ରୁ ୧୪ ଦିନ ପରେ ଦେଖାଯାଏ। କିଛି କ୍ଷେତ୍ରରେ ଲକ୍ଷଣ ଦେଖାଯିବାକୁ ୪୫ ଦିନ ପର୍ଯ୍ୟନ୍ତ ସମୟ ଲାଗିପାରେ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ଉଚ୍ଚ ଜ୍ୱର, ମୁଣ୍ଡବିନ୍ଧା, ଶରୀର ଯନ୍ତ୍ରଣା, ଗଳା ଯନ୍ତ୍ରଣା, କାଶ, ବାନ୍ତି ଏବଂ ଦୁର୍ବଳତା ଅନ୍ତର୍ଭୁକ୍ତ। ଗୁରୁତର ଲକ୍ଷଣଗୁଡ଼ିକ ମଧ୍ୟରେ ମୁଣ୍ଡ ବୁଲାଇବା, ଦ୍ୱନ୍ଦ୍ୱ, ଅତ୍ୟଧିକ ନିଦ୍ରାଳୁତା, ନିଶ୍ୱାସ ନେବାରେ କଷ୍ଟ ଏବଂ ଚେତାଶୂନ୍ୟତା ଅନ୍ତର୍ଭୁକ୍ତ। ଗୁରୁତର କ୍ଷେତ୍ରରେ, ରୋଗୀର ମସ୍ତିଷ୍କ ଫୁଲିପାରେ ଏବଂ ସେ ୨୪ ରୁ ୪୮ ଘଣ୍ଟା ମଧ୍ୟରେ କୋମାକୁ ଯାଇପାରନ୍ତି।

*ଜୀବନ ବଞ୍ଚାଇବା କେତେବେଳେ କଷ୍ଟକର ହୋଇଯାଏ ?*
ରୋଗୀ ଯଦି ସମୟ ସମୟରେ ଚିକିତ୍ସା ନ ପାଏ, ସଂକ୍ରମଣ ମସ୍ତିଷ୍କରେ ପହଞ୍ଚିଯାଏ, ନିଶ୍ୱାସ ନେବା କଷ୍ଟକର ହୋଇଯାଏ, ରୋଗୀର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ, କିମ୍ବା ସଂକ୍ରମଣ ହସ୍ପିଟାଲ ଭିତରେ ବ୍ୟାପିଯାଏ, ତେବେ ନିପା ଭାଇରସରୁ ବଞ୍ଚିବା କଷ୍ଟକର ହୋଇଯାଏ।

*ନିପା ଭାଇରସକୁ କିପରି ରୋକାଯିବ ?*
ନିପା ଭାଇରସର କୌଣସି ଟିକା କିମ୍ବା ନିଶ୍ଚିତ ଔଷଧ ନାହିଁ, ତେଣୁ ସତର୍କତା ହେଉଛି ସର୍ବୋତ୍ତମ ଚିକିତ୍ସା। ଏହାକୁ ରୋକିବା ପାଇଁ, ସାବୁନ ଏବଂ ପାଣିରେ ବାରମ୍ବାର ହାତ ଧୋଇବା, ବାଦୁଡ଼ି ଏବଂ ଘୁଷୁରୀଙ୍କଠାରୁ ଦୂରତା ବଜାୟ ରଖିବା, ପଡ଼ିଥିବା କିମ୍ବା ଅଧା କଟା ଫଳ ଖାଇବାରୁ ଦୂରେଇ ରହିବା, କଞ୍ଚା ଖଜୁରୀ ରସ ପିଇବାରୁ ଦୂରେଇ ରହିବା, ସଂକ୍ରମିତ କିମ୍ବା ସନ୍ଦେହଜନକ ରୋଗୀଙ୍କ ସଂସ୍ପର୍ଶରୁ ଦୂରେଇ ରହିବା ଏବଂ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ପାଳନ କରିବା ଉଚିତ।




ଶଶାଙ୍କାସନ ଆସନଦ୍ୱାରା ପିଠି ମାଂସପେଶୀ ପ୍ରସାରିତ ହୁଏ। ପ୍ରତ୍ୟେକ କଶେରୁକ ଅନ୍ୟ କଶେରୁକଠାରୁ ଛାଡ଼ି ରହିବାରୁ ଚକ୍ରିକା ଉପରେ ଚାପ ପଡ଼େ ନାହିଁ। ପ୍ରାୟତଃ ମେରୁଦଣ୍ଡରୁ ବାହାରିଥିବା ସ୍ନାୟୁ ଚକ୍ରିକା ଦ୍ୱାରା ଚାପି ହୋଇ ବିଭିନ୍ନ ପ୍ରକାର ପିଠି ଦରଜ ସୃଷ୍ଟି ହୋଇଥାଏ। ଆସନଦ୍ୱାରା ଏହି ରୋଗରୁ ଉପକାର ମିଳେ, ଚକ୍ରିକାଗୁଡ଼ିକ ନିଜ ଜାଗାରେ ଠିକ୍? ରହେ। ଆଡ୍ରିନାଲ୍? ଗ୍ରନ୍ଥିର କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଶ୍ରୋଣୀ ମାଂସପେଶୀ, ସାଇଟିକା ସ୍ନାୟୁ ମଧ୍ୟ କାର୍ଯ୍ୟକ୍ଷମ ହୁଏ। ସ୍ତ୍ରୀ ଲୋକଙ୍କ ଶ୍ରୋଣୀର ଆକାରରେ ଉନ୍ନତି ହୁଏ। ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ପ୍ରଜନନ ଅଙ୍ଗଗୁଡ଼ିକ ସୁଧୁରିଯାଏ। ଆସନର ପ୍ରତ୍ୟେହ ଅଭ୍ୟାସ ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୁଏ। ଆସନର ଶେଷସ୍ଥିତିରେ ଉଜ୍ଜୟୀ ପ୍ରାଣାୟମ ସହ ଅଭ୍ୟାସ କଲେ କ୍ରୋଧ ପ୍ରସମିତ ହୁଏ ଏବଂ ମସ୍ତିଷ୍କ ଥଣ୍ଡା ରହେ ବୋଲି କହିଛନ୍ତି ଯୋଗଗୁରୁ ଗଣେଶ୍ୱର ଗୋଛିକାର।

**ଏହି ଆସନ କରିବା ପାଇଁ:**

- ହାତ ଜଙ୍ଘ ଉପରେ ରଖି ବଜ୍ରାସନରେ ବସନ୍ତୁ
- ଆଖି ବନ୍ଦ କରନ୍ତୁ, ଦେହ ଢ଼ିଲା ରଖନ୍ତୁ। ମେରୁଦଣ୍ଡ ଓ ମୁଣ୍ଡ ସିଧା ରହିବ
- ନିଶ୍ୱାସ ନେଇ ହାତ ମୁଣ୍ଡ ଉପରକୁ ଉଠାନ୍ତୁ, ହାତ ସିଧା ରହିବ କାନ୍ଧ ଛଡ଼ାରେ
- ନିଶ୍ୱାସ ଛାଡ଼ିଲାବେଳେ ସାମନାକୁ ଅଣ୍ଟା ଭାଙ୍ଗନ୍ତୁ। ମୁଣ୍ଡ ଓ ହାତ ଆଗକୁ ଅଣ୍ଟା ସିଧାରେ ରହିବ
- ଆସନର ଶେଷ ସ୍ଥିତିରେ ହାତ ଓ କପାଳ ଆଣ୍ଠୁ ସାମନାରେ ଭୂଇଁ ଉପରେ ରହିବ
- ସମ୍ଭବ ହେଲେ କପାଳ ଓ ହାତ ଭୂଇଁକୁ ଏକା ସଙ୍ଗେ ଛୁଇଁବ
- ହାତ ସାମାନ୍ୟ ଭାଙ୍ଗ ଯେମିତି ପୂରା ଢିଲା ରହେ, କହୁଣୀ ଭୂଇଁରେ ଲାଗିବ
- ଆସନର ଏହି ଶେଷ ସ୍ଥିତିରେ ନିଶ୍ୱାସକୁ ଛାଡ଼ି ୫ ସେକେଣ୍ଡ ରହିବ
- ତା'ପରେ ଏକାସଙ୍ଗେ ନିଶ୍ୱାସ ନେବେ ଏବଂ ହାତ ଓ ଦେହ ଉପରକୁ ଟେକିବ
- ହାତ, ମୁଣ୍ଡ ଓ ଦେହ ସିଧା ରହିବ
- ନିଶ୍ୱାସ ଛାଡ଼ନ୍ତୁ, ହାତ ତଳକୁ ଆଣି ଆଣ୍ଠୁ ଉପରେ ରଖନ୍ତୁ
- ଏହାକୁ ୩ରୁ ୫ ଥର ଅଭ୍ୟାସ କରନ୍ତୁ

## କଦଳୀପତ୍ରରେ ଖାଦ୍ୟ ଖାଇବା କେତେ ଲାଭଦାୟକ ଜାଣନ୍ତୁ

ପୂର୍ବରୁ ଖାଦ୍ୟ ପତ୍ରରେ ପରସା ଯାଉଥିଲା। କଦଳୀ ପତ୍ର, ଶାଳ ପତ୍ରରେ ଖାଦ୍ୟ ଖାଇବା ସଂସ୍କୃତି ଏବେ କାଚ ଓ ଫାଇବର ପ୍ଲେଟ୍‌କୁ ପରିବର୍ତ୍ତନ ହୋଇଛି। କିନ୍ତୁ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଅନେକ ଲାଭ ମିଳୁଥିଲା। ପୂଜା ପର୍ବାଣୀ ହେଉ ଅବା ଭୋଜି କଦଳୀ ପତ୍ରରେ ଖାଦ୍ୟ ଖାଇବା ପରମ୍ପରା ଆଜି ମଧ୍ୟ ଅଛି। ତେବେ ଜାଣିବା ଏଥିରେ ଖାଦ୍ୟ ଖାଇଲେ କ'ଣ ଲାଭ ହୋଇଥାଏ।

କଦଳୀ ପତ୍ରରେ ମିଳୁଥିବା ପଲିଫେନୋଲଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଗ୍ରୀନ୍ ଟି' ଏବଂ କିଛି ଫଳରୁ ମଧ୍ୟ ମିଳିଥାଏ। ଯେତେବେଳେ ପତ୍ରରେ ଗରମ ଖାଦ୍ୟ ପରିବେଷଣ କରାଯାଏ ଏହି ଯୌଗିକଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇଯାଏ। ଏହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ କର୍କଟ, ହୃଦରୋଗ ଓ ମଧୁମେହର ଆଶଙ୍କା ହ୍ରାସ କରିପାରେ।

କଦଳୀ ପତ୍ରରେ ମଧ୍ୟ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ପତ୍ର ପୃଷ୍ଠରେ ଥିବା କିଛି ଯୌଗିକ ଜୀବାଣୁକୁ ବୃଦ୍ଧି ପାଇବାରୁ ରୋକିଥାଏ। ଏହା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କାକୁ ହ୍ରାସ କରେ ଏବଂ ଖାଦ୍ୟକୁ ସୁରକ୍ଷିତ କରିଥାଏ। କଦଳୀ ପତ୍ରର ବାହାର ସ୍ତର ଉପରେ ଥିବା ପ୍ରାକୃତିକ ମହମ ପରି ଉପାଦାନଗୁଡ଼ିକ ହଜମ କରିବାରେ ସାହାଯ୍ୟ କରେ। ଯେତେବେଳେ ଗରମ ଖାଦ୍ୟ ଏଥିରେ ରଖାଯାଏ ଏହି ସ୍ତର ଟିକେ ତରଳିଯାଏ। ଯାହା ପାଚନ ଉପାଦାନଗୁଡ଼ିକୁ ଖାଦ୍ୟରେ ମୁକ୍ତ କରେ। ଏହା ହଜମକୁ ଉନ୍ନତ କରେ ଏବଂ ପେଟ ସଫା ରଖିବାରେ ସାହାଯ୍ୟ କରେ। ପ୍ଲାଷ୍ଟିକ୍ କିମ୍ବା ସିନଥେଟିକ୍ ପ୍ଲେଟ୍ ପରି କଦଳୀ ପତ୍ର ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏଥିରେ ପ୍ଲାଷ୍ଟିକ୍‌ରେ ମିଳୁଥିବା ବିପିଏ କିମ୍ବା ପାଥାଲେଟସ୍ ଭଳି



କ୍ଷତିକାରକ ପଦାର୍ଥ ନାହିଁ। ଏହା ଆପଣଙ୍କ ଖାଦ୍ୟରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବାର ଆଶଙ୍କାକୁ ଦୂର କରେ। କଦଳୀ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରରେ କ୍ଷତିକାରକ ଜୀବାଣୁର ପ୍ରବେଶକୁ ହ୍ରାସ କରିପାରେ। ଏହା ସଂକ୍ରମଣର ଆଶଙ୍କା ହ୍ରାସ କରେ ଏବଂ ଶରୀରର ପ୍ରତିରକ୍ଷାକୁ ଉନ୍ନତ କରେ। ଏହା ସହିତ କଦଳୀ ପତ୍ର ଖାଇବା ପରିବେଶ ପାଇଁ ମଧ୍ୟ ଲାଭଦାୟକ। ଏଗୁଡ଼ିକ ସମ୍ପୂର୍ଣ୍ଣ ଜୈବ ବିକ୍ରୟଯୋଗ୍ୟ ଏବଂ ଅପଚୟରେ ଯୋଗ କରନ୍ତି ନାହିଁ। ଏହା ବ୍ୟତିତ ଗରମ ଖାଦ୍ୟ ଦ୍ୱାରା ନିର୍ଗତ ପ୍ରାକୃତିକ ସୁଗନ୍ଧ ଦ୍ୟରଖା ସ୍ୱାଦ ଏବଂ ସୁଗନ୍ଧକୁ ବୃଦ୍ଧି କରିଥାଏ ଯାହା ଖାଇବା ଅଭିଜ୍ଞତା ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ।

## ରହିବନି ଆଉ ଷ୍ଟ୍ରେଚ୍‌ମାର୍କ: ଆପଣାନ୍ତୁ ଘରୋଇ ଉପଚାର...

ଷ୍ଟ୍ରେଚ୍‌ମାର୍କ ସାଧାରଣତଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧ୍ୟମରେ ମଧ୍ୟ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା...



**ଚନ୍ଦନ ପ୍ୟାକ୍ :**
ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ୍ୟ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟେ ରସ ଓ ମହୁ ମଧ୍ୟ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ।

**ଆଲୋଭେରା:**
ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।

## ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ

ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ। ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ। ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ। ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ। ଯଦି ଆପଣ ବ୍ୟାୟାମ କଲା ବେଳେ ବା ଦୌଡ଼ଧାଆଁ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ



ରହିଛି। ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ। ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା। ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ। ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ। ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ।

# ଗ୍ରେଟ୍ ନିକୋବର ମେଗା ପ୍ରକଳ୍ପ: ପ୍ରବାଳ ସ୍ଥାନାନ୍ତରଣର ବାସ୍ତବତା ଏବଂ ବିପଜ୍ଜନକ ଭ୍ରମ

ବିକାଶ ଏବଂ ପରିବେଶ ସଂରକ୍ଷଣ ମଧ୍ୟରେ ଥିବା ସନ୍ତୁଳନ ସର୍ବଦା ଏକ ଜଟିଳ ତଥା ବିତର୍କର ବିଷୟ ହୋଇଆସିଛି । ସମ୍ପ୍ରତି ଭାରତ ସରକାର ଏବଂ ନୀତି ଆୟୋଗଙ୍କ ଦ୍ୱାରା ପ୍ରସ୍ତାବିତ ତଥା ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ 'ଗ୍ରେଟ୍ ନିକୋବର ମେଗା ପ୍ରକଳ୍ପ' ଏହି ବିତର୍କକୁ ପୁଣିଥରେ ସମଗ୍ର ଦେଶର କେନ୍ଦ୍ରବିନ୍ଦୁକୁ ଆଣିଛି । ମଲାକ୍କା ପ୍ରଣାଳୀ ନିକଟରେ ଥିବା ଏହି ଦ୍ୱୀପର ରଣନୀତିକ ଏବଂ ବାଣିଜ୍ୟିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରାୟ ୭୨,୦୦୦ ରୁ ୮୧,୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବିଶାଳ ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଏଥିରେ ଏକ ଆନ୍ତର୍ଜାତୀୟ କଣ୍ଟେନର ଟ୍ରାନ୍ସସିପମେଣ୍ଟ ଟର୍ମିନାଲ୍, ଏକ ଡୁଆଲ୍-ୟୁଜ୍ ବା ସାମରିକ ତଥା ବେସାମରିକ ବିମାନବନ୍ଦର, ୪୫୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଗ୍ୟାସ୍ ଏବଂ ସୌର ବିଦ୍ୟୁତ୍ କେନ୍ଦ୍ର ଏବଂ ପ୍ରାୟ ତିନି ଲକ୍ଷ ଲୋକଙ୍କ ପାଇଁ ଏକ ନୂତନ ସହର ପ୍ରତିଷ୍ଠା କରିବାର ଯୋଜନା ରହିଛି । ଏହି ପ୍ରକଳ୍ପ ଭାରତର ସାମୁଦ୍ରିକ ବାଣିଜ୍ୟ ଏବଂ ପ୍ରତିରକ୍ଷା ରଣନୀତି ପାଇଁ ଏକ ମାଇଲଖୁଣ୍ଟ ବୋଲି ଦାବି କରାଯାଉଥିଲେ ମଧ୍ୟ ଏହାର ପରିବେଶଗତ ମୂଲ୍ୟ ଅତ୍ୟନ୍ତ ଭୟଙ୍କର ଏବଂ ଅପୂରଣୀୟ । ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୩୦ ବର୍ଗ କିଲୋମିଟର ଘଞ୍ଚ ଚିରହରିତ୍ ବର୍ଷାବନ ନଷ୍ଟ କରାଯିବ । ସରକାରୀ ତଥ୍ୟ ଅନୁଯାୟୀ ଏଥିପାଇଁ ପ୍ରାୟ ୮.୫ ଲକ୍ଷରୁ ୯.୬ ଲକ୍ଷ ଗଛ କଟାଯିବ, ଯଦିଓ ସ୍ୱାଧୀନ ପରିବେଶବିତ୍‌ମାନଙ୍କ ଗବେଷଣା ଅନୁଯାୟୀ ନିକୋବରର ଘଞ୍ଚ ଜଙ୍ଗଲରେ ପ୍ରତି ହେକ୍ଟରରେ ଗଛର ସାନ୍ଦ୍ରତାକୁ ହିସାବ କଲେ ଏହି ସଂଖ୍ୟା ୩୨ରୁ ୫୮ ଲକ୍ଷ ମଧ୍ୟରେ ହୋଇପାରେ । କେବଳ ସ୍ଥଳଭାଗ ନୁହେଁ, ବରଂ ସାମୁଦ୍ରିକ ପରିବେଶ ଉପରେ ମଧ୍ୟ ଏହାର ବିପର୍ଯ୍ୟୟକାରୀ ପ୍ରଭାବ ପଡ଼ିବାକୁ ଯାଉଛି । ପ୍ରକଳ୍ପ ନିର୍ମାଣ ଯୋଗୁଁ ବିଶେଷ କରି ଗାଲାଥିଆ ଉପସାଗର ଅଞ୍ଚଳରେ ନଷ୍ଟ ହେବାକୁ ଥିବା ପ୍ରବାଳ ବା କୋରାଲ୍ ଗୁଡ଼ିକୁ ରକ୍ଷା କରିବା ପାଇଁ ସରକାର ଏକ 'ସ୍ଥାନାନ୍ତରଣ' ବା ଟ୍ରାନ୍ସଲୋକେସନ୍ ପ୍ରକ୍ରିୟାର ପ୍ରସ୍ତାବ ଦେଇଛନ୍ତି । କିନ୍ତୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏବଂ ବିଶ୍ୱସ୍ତରୀୟ ତଥ୍ୟ ଆଧାରରେ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଏହି ପ୍ରବାଳ ସ୍ଥାନାନ୍ତରଣ ପ୍ରକ୍ରିୟା କେବଳ ଏକ ମିଥ୍ୟା ଆଶ୍ୱାସନା ବା ବିପଜ୍ଜନକ ଭ୍ରମ ଛଡ଼ା ଅନ୍ୟ କିଛି ନୁହେଁ ।

ପ୍ରବାଳ ବା କୋରାଲ୍‌କୁ ସାଧାରଣତଃ ଅନେକ ଲୋକ ସମୁଦ୍ର ତଳେ ଥିବା ରଙ୍ଗବିରଙ୍ଗର ନିର୍ଜୀବ ପଥର ବା ଉଦ୍ଭିଦ ବୋଲି ଭାବିଥାନ୍ତି, କିନ୍ତୁ ବାସ୍ତବରେ ଏଗୁଡ଼ିକ ହେଉଛି ଅତ୍ୟନ୍ତ ଜଟିଳ, ସମ୍ବେଦନଶୀଳ ଏବଂ ଜୀବନ୍ତ ପ୍ରାଣୀ । ଏହି କ୍ଷୁଦ୍ର ପ୍ରାଣୀଗୁଡ଼ିକୁ 'ପଲିପ୍' କୁହାଯାଏ, ଯେଉଁମାନେ ଏକାଠି ମିଶି ବିଶାଳ କଲୋନୀ ବା ବସତି ସ୍ଥାପନ କରନ୍ତି । ଏହି ପଲିପ୍‌ଗୁଡ଼ିକ ନିଜ ଶରୀର ଭିତରେ 'ଜୁକ୍ସାନଥେଲେ' ନାମକ ଏକ ପ୍ରକାର କ୍ଷୁଦ୍ର ଶୈବାଳକୁ ଆଶ୍ରୟ ଦେଇଥାନ୍ତି । ଉଭୟଙ୍କ ମଧ୍ୟରେ ଏକ ନିବିଡ଼ ସହଜୀବୀ ସମ୍ପର୍କ ରହିଥାଏ । ଶୈବାଳ ପ୍ରବାଳକୁ ଖାଦ୍ୟ ଯୋଗାଉଥିବା ବେଳେ ପ୍ରବାଳ ଶୈବାଳକୁ ଆଶ୍ରୟ ଏବଂ ସୁରକ୍ଷା ଦେଇଥାଏ । ପ୍ରବାଳର ଯେଉଁ ସୁନ୍ଦର ରଙ୍ଗ ଆମେ ଦେଖୁ, ତାହା ମୁଖ୍ୟତଃ ଏହି ଶୈବାଳ ଯୋଗୁଁ ହିଁ ସୃଷ୍ଟି ହୋଇଥାଏ । ଏହି ପ୍ରବାଳ ଭିତ୍ତିଗୁଡ଼ିକ ସମୁଦ୍ରର ମାତ୍ର ଏକ ପ୍ରତିଶତ ଅଞ୍ଚଳରେ ବ୍ୟାପିଥିଲେ ମଧ୍ୟ ସମଗ୍ର ସାମୁଦ୍ରିକ ଜୀବଜଗତର ପ୍ରାୟ ୨୫ ପ୍ରତିଶତ ଜୀବଙ୍କୁ ଆଶ୍ରୟ, ଖାଦ୍ୟ ଏବଂ ପ୍ରଜନନ ସ୍ଥଳୀ ଯୋଗାଇଥାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରବାଳଗୁଡ଼ିକର ବିକାଶ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଅଟେ । ଗୋଟିଏ ପ୍ରବାଳ ବର୍ଷକୁ ମାତ୍ର କିଛି ମିଲିମିଟରରୁ ଏକ ସେଣ୍ଟିମିଟର ପର୍ଯ୍ୟନ୍ତ ବଢ଼ିଥାଏ । ଗ୍ରେଟ୍ ନିକୋବରର ଗାଲାଥିଆ ଉପସାଗର ଅଞ୍ଚଳରେ ଥିବା ଫାଭିଆ, ଫାଭାଇଟସ୍, ପୋରାଇଟସ୍ ଆଦି ପ୍ରଜାତିର କିଛି ପ୍ରବାଳ କଲୋନୀ ଗୋଟିଏ ବଡ଼ ଏସୟୁଭି କାର୍ ଆକାରର ହୋଇସାରିଛନ୍ତି । ବୈଜ୍ଞାନିକମାନଙ୍କ ମତରେ ଏତେ ବଡ଼ ଆକାର ଧାରଣ କରିବା ପାଇଁ ସେମାନଙ୍କୁ ପ୍ରାୟ ୨,୦୦୦ ବର୍ଷରୁ ଅଧିକ ସମୟ ଲାଗିଥିବ । ଏହା ସହିତ ସେଠାରେ 'ଟ୍ରାଇଡାକ୍ନା ଗିଗାସ୍' ନାମକ ବିଶାଳ ଶାମୁକା ମଧ୍ୟ ଦେଖାଯାନ୍ତି, ଯାହାକି ଦେଢ଼ ମିଟର ପର୍ଯ୍ୟନ୍ତ ବଢ଼ିପାରନ୍ତି । ଉଭୟ ପ୍ରବାଳ ଏବଂ ଏହି ବିଶାଳ ଶାମୁକା ଭାରତୀୟ ବନ୍ୟଜନ୍ତୁ ସଂରକ୍ଷଣ ଆଇନ, ୧୯୭୨ ର ଅନୁସୂଚୀ-୧ ଅଧୀନରେ ସର୍ବୋଚ୍ଚ ସୁରକ୍ଷା ପ୍ରାପ୍ତ ଅଟନ୍ତି । ଅର୍ଥାତ୍, ଏକ ବାଘ ବା ହାତୀକୁ ହତ୍ୟା କଲେ ଯେଉଁ କଠୋର ଆଇନଗତ ଦଣ୍ଡ ମିଳିଥାଏ, ଏଗୁଡ଼ିକୁ ନଷ୍ଟ କଲେ ମଧ୍ୟ ସମାନ ଦଣ୍ଡର ବ୍ୟବସ୍ଥା ରହିଛି । ଏପରି ସ୍ଥିତିରେ ଏକାଥରକେ ହଜାର ହଜାର ପ୍ରବାଳକୁ ସ୍ଥାନାନ୍ତର କରିବା ଆଇନଗତ ଏବଂ ନୈତିକ ଦୃଷ୍ଟିକୋଣରୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରେ ।

ସରକାରୀ ଯୋଜନା ଏବଂ ପରିବେଶ ପ୍ରଭାବ ଆକଳନ (ଇଆଇଏ) ରିପୋର୍ଟ ଅନୁଯାୟୀ, ଗାଲାଥିଆ ଉପସାଗରରେ ଥିବା ମୋଟ ୨୦,୬୬୮ ଟି ପ୍ରବାଳ କଲୋନୀ ମଧ୍ୟରୁ ୧୬,୧୫୦ ଟିକୁ ଗ୍ରେଟ୍ ନିକୋବରର ପୂର୍ବ ଉପକୂଳରୁ ଉଠାଇ ପଶ୍ଚିମ ଉପକୂଳର ଚାରୋଟି ନୂତନ ସ୍ଥାନକୁ ସ୍ଥାନାନ୍ତର କରାଯିବ । ପରିବେଶବିତ୍ ତଥା ସାମୁଦ୍ରିକ ଜୀବବିଜ୍ଞାନୀମାନଙ୍କ ମତରେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅବୈଜ୍ଞାନିକ ଏବଂ ପ୍ରାକୃତିକ ନିୟମର ପରିପନ୍ଥୀ । ପ୍ରବାଳଗୁଡ଼ିକ ସ୍ଥାବର ବା ଗୋଟିଏ ସ୍ଥାନରେ ସ୍ଥିର ରହୁଥିବା ପ୍ରାଣୀ । ସେମାନଙ୍କର ବଞ୍ଚିବା ପାଇଁ ସୂର୍ଯ୍ୟକିରଣ, ଜଳର ତାପମାତ୍ରା, ପିଏଚ୍ (pH) ସ୍ତର, ଲବଣତା, ସମୁଦ୍ରର ଗଭୀରତା ଏବଂ ଜଳସ୍ରୋତର ସଠିକ୍ ସନ୍ତୁଳନ ନିହାତି ଆବଶ୍ୟକ । ନିକୋବର ଦ୍ୱୀପର ପୂର୍ବ ଏବଂ ପଶ୍ଚିମ ଉପକୂଳ ମଧ୍ୟରେ ଭୌଗୋଳିକ ଏବଂ ପରିବେଶଗତ ଦୃଷ୍ଟିରୁ ବ୍ୟାପକ ପ୍ରଭେଦ ରହିଛି । ପୂର୍ବ ଉପକୂଳର ସମୁଦ୍ର ଗଭୀରତା ଏବଂ ଜଳସ୍ରୋତ ପଶ୍ଚିମ ଉପକୂଳ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ, ଏକ ନିର୍ଦ୍ଦିଷ୍ଟ ପରିବେଶରେ ହଜାର ହଜାର ବର୍ଷ ଧରି ବଢ଼ିଥିବା ଏକ ପ୍ରବାଳକୁ ହଠାତ୍ ଏକ ସମ୍ପୂର୍ଣ୍ଣ ନୂଆ ପରିବେଶରେ ଛାଡ଼ିଦେଲେ, ତାହା ବଞ୍ଚିବାର ସମ୍ଭାବନା ପ୍ରାୟ ନାହିଁ କହିଲେ ଚଳେ । ପ୍ରବାଳ କୌଣସି ଆସବାବପତ୍ର ନୁହେଁ ଯେ, ଗୋଟିଏ ଜାଗାରୁ ଖୋଲି ନେଇ ଅନ୍ୟ ଜାଗାରେ ଖଞ୍ଜିଦେଲେ ତାହା ସୁରକ୍ଷିତ ରହିବ । ନୂଆ ସ୍ଥାନର ପ୍ରବଳ ଜଳସ୍ରୋତ ଏବଂ ପ୍ରତିକୂଳ ପରିବେଶ ଏହି କୋମଳ ପ୍ରବାଳଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେବ । ବାକି ରହିଯାଉଥିବା ୪,୫୧୮ ଟି ପ୍ରବାଳ କଲୋନୀର ଭବିଷ୍ୟତ କଣ ହେବ, ସେ ନେଇ ମଧ୍ୟ ସରକାରଙ୍କ ପାଖରେ କୌଣସି ସ୍ପଷ୍ଟ ଉତ୍ତର ନାହିଁ । ଏହା ସ୍ପଷ୍ଟ ଯେ ସେହି ପ୍ରବାଳଗୁଡ଼ିକୁ ସେଠାରେ ମରିବା ପାଇଁ ଛାଡ଼ିଦିଆଯିବ ।

ଏହି ସ୍ଥାନାନ୍ତରଣ ପାଇଁ ବ୍ୟବହାର କରାଯିବାକୁ ଥିବା ପ୍ରଣାଳୀ ମଧ୍ୟ ଅତ୍ୟନ୍ତ ବିପଜ୍ଜନକ ଏବଂ ବିଧ୍ୱଂସକାରୀ ଅଟେ । ସରକାରୀ ସୂଚନା ଏବଂ ଜୁଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍‌ଏସ୍‌ଆଇ) ର ମାର୍ଗଦର୍ଶିକା ଅନୁଯାୟୀ, ଏହି ବିଶାଳ ପ୍ରବାଳଗୁଡ଼ିକୁ ସମୁଦ୍ର ଗର୍ଭରୁ କାଟିବା ପାଇଁ ଅଣ୍ଡରୱାଟର କରତ, ହାତୁଡ଼ି, ଛେଣି ଏବଂ ହାଇଡ୍ରୋଲିକ୍ ଡ୍ରିଲ୍ ମେସିନ୍ ବ୍ୟବହାର କରାଯିବ । ଏହି ଯାନ୍ତ୍ରିକ ପ୍ରକ୍ରିୟା ଦ୍ୱାରା ସମୁଦ୍ର ଜଳରେ ବ୍ୟାପକ ପରିମାଣରେ ବାଲି, ମାଟି ଏବଂ ଆବର୍ଜନା ସୃଷ୍ଟି ହେବ । ବୈଜ୍ଞାନିକ ଗବେଷଣାରୁ ବାରମ୍ବାର ପ୍ରମାଣିତ ହୋଇଛି ଯେ, ପ୍ରବାଳଗୁଡ଼ିକ ସାମାନ୍ୟତମ ଆବର୍ଜନା ବା ଘୋଳିଆ ଜଳ ପ୍ରତି ମଧ୍ୟ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି । ଜଳରେ ମାଟି ବା ବାଲିର ପରିମାଣ ବଢ଼ିଗଲେ ସୂର୍ଯ୍ୟକିରଣ ପ୍ରବାଳ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ, ଫଳରେ ସେମାନଙ୍କ ଶରୀରରେ ଥିବା ଶୈବାଳ ଖାଦ୍ୟ ପ୍ରସ୍ତୁତ କରିପାରନ୍ତି ନାହିଁ ଏବଂ ପ୍ରବାଳଗୁଡ଼ିକ ଶ୍ୱାସରୁଦ୍ଧ ହୋଇ ମରିଯାନ୍ତି । ଏତେ ବଡ଼ ଧରଣର ଖୋଦନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା କେବଳ ଯେ ପ୍ରବାଳଗୁଡ଼ିକୁ ନଷ୍ଟ କରିବ ତାହା ନୁହେଁ, ବରଂ ବନ୍ଦର ନିର୍ମାଣ ପାଇଁ ହେବାକୁ ଥିବା ଡ୍ରେଜିଂ ବା ସମୁଦ୍ର ଖୋଦନ ପ୍ରକ୍ରିୟା ସମଗ୍ର ଗାଲାଥିଆ ଉପସାଗରର ଜଳ ରସାୟନକୁ ସମ୍ପୂର୍ଣ୍ଣ ବଦଳାଇଦେବ । ଗାଲାଥିଆ ନଦୀର ମୁହାଣରେ ଥିବା ଅନିୟମିତ ଜଳସ୍ରୋତ ଏବଂ ଉଚ୍ଚ ଲହଡ଼ି ଯୋଗୁଁ ଏହି କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଗବେଷକ ଏବଂ ବୁଡ଼ାଳିମାନଙ୍କ ଜୀବନ ପ୍ରତି ମଧ୍ୟ ବଡ଼ ଧରଣର ବିପଦ ରହିଛି ।

ଯଦି ଆମେ ବିଶ୍ୱସ୍ତରୀୟ ତଥ୍ୟ ଏବଂ ଅର୍ଥନୈତିକ ଦିଗକୁ ତର୍ଜମା କରିବା, ତେବେ ଜଣାପଡ଼େ ଯେ ପ୍ରବାଳ ସ୍ଥାନାନ୍ତରଣ ଏକ ଅତ୍ୟନ୍ତ ବ୍ୟୟବହୁଳ ଏବଂ ବିଫଳତା-ପ୍ରବଣ ପ୍ରକ୍ରିୟା ଅଟେ । ବିଭିନ୍ନ ଅନ୍ତର୍ଜାତୀୟ ଗବେଷଣା ରିପୋର୍ଟ ଅନୁଯାୟୀ, ଏକ ହେକ୍ଟର ପ୍ରବାଳ ସ୍ଥାନାନ୍ତରଣ ପାଇଁ ହାରାହାରି ୪ ଲକ୍ଷ ଆମେରିକୀୟ ଡଲାର (ପ୍ରାୟ ୩.୩ କୋଟି ଟଙ୍କା) ଖର୍ଚ୍ଚ ହୋଇଥାଏ । ଏହା ଏକ ଅତ୍ୟନ୍ତ ଶ୍ରମ-ନିବିଡ଼ କାର୍ଯ୍ୟ ଏବଂ ଏଥିପାଇଁ ଉନ୍ନତ ଜ୍ଞାନକୌଶଳର ଆବଶ୍ୟକତା ରହିଛି । ଏତେ ବିପୁଳ ଅର୍ଥ ବ୍ୟୟ କରିବା ସତ୍ତ୍ୱେ ଦୀର୍ଘକାଳୀନ ସଫଳତା ହାର ଅତ୍ୟନ୍ତ ନୈରାଶ୍ୟଜନକ । କେତେକ କ୍ଷେତ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରବାଳଗୁଡ଼ିକ ବଞ୍ଚିଥିବା ପରି ମନେହେଲେ ମଧ୍ୟ, ଦୁଇ ତିନି ବର୍ଷ ପରେ ପରିବେଶଗତ ଚାପ ଏବଂ ରୋଗ ଯୋଗୁଁ ସେମାନଙ୍କର ମୃତ୍ୟୁ ଘଟିଥାଏ । ବିଶ୍ୱର ଅନେକ ସ୍ଥାନରେ କରାଯାଇଥିବା ସ୍ଥାନାନ୍ତରଣ ପ୍ରକଳ୍ପରେ ସଫଳତା ହାର ୫୦ ପ୍ରତିଶତରୁ ମଧ୍ୟ କମ୍ ରହିଛି । ଗ୍ରେଟ୍ ନିକୋବର ପ୍ରକଳ୍ପର ଆକାର ଏବଂ ସ୍ଥାନାନ୍ତରଣର ଜଟିଳତାକୁ ଦୃଷ୍ଟିରେ ରଖି ସାମୁଦ୍ରିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ଏହି ପ୍ରକ୍ରିୟାରେ ୯୦ ରୁ ୧୦୦ ପ୍ରତିଶତ ପ୍ରବାଳଙ୍କର ମୃତ୍ୟୁ ସୁନିଶ୍ଚିତ । ସରକାର ପ୍ରତିଟି ପ୍ରବାଳରେ ଜିପିଏସ୍ ଟ୍ୟାଗ୍ ଲଗାଇ ସେମାନଙ୍କର ଗତିବିଧି ଏବଂ ସ୍ୱାସ୍ଥ୍ୟବସ୍ଥା ଲକ୍ଷ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ବାସ୍ତବରେ ଏହା କେବଳ ଗୋଟିଏ ମୃତ୍ୟୁମୁଖୀ ପ୍ରାଣୀର ଶେଷ ସମୟକୁ ଟ୍ରାକ୍ କରିବା ସହ ସମାନ ଅଟେ । ଯେଉଁ ପ୍ରାଣୀର ବଞ୍ଚିବାର ସମ୍ଭାବନା କ୍ଷୀଣ, ତାହା ଦେହରେ ମୂଲ୍ୟବାନ ଯନ୍ତ୍ରାଂଶ ଖଞ୍ଜିବା କେବଳ ଅର୍ଥର ଅପଚୟ ଏବଂ ଦାୟିତ୍ୱହୀନତାର ପରିଚୟ ଦିଏ ।

ଏହି ସ୍ଥାନାନ୍ତରଣ ପ୍ରକ୍ରିୟାର ଆଉ ଏକ ଭୟଙ୍କର ଦିଗ ହେଉଛି ସମଗ୍ର ସାମୁଦ୍ରିକ ଜୀବଜଗତର ବିଲୟ ଏବଂ ପରିବେଶଗତ ଶୃଙ୍ଖଳାର ବିନାଶ । ପ୍ରବାଳ କେବଳ ଏକାକୀ ବଞ୍ଚେ ନାହିଁ, ଏହାକୁ କେନ୍ଦ୍ର କରି ହଜାର ହଜାର ଜଳଚର ପ୍ରାଣୀ ବଞ୍ଚିଥାନ୍ତି । ଉଦାହରଣ ସ୍ୱରୂପ, ସି-ଆନେମୋନ୍ ଏବଂ କ୍ଲାଉନ୍ ଫିସ୍ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ପ୍ରବାଳ ଭିତ୍ତି ଉପରେ ହିଁ ନିର୍ଭରଶୀଳ । ଯେତେବେଳେ ୧୬ ହଜାରରୁ ଊର୍ଦ୍ଧ୍ୱ ପ୍ରବାଳ କଲୋନୀକୁ ସେମାନଙ୍କ ମୂଳ ସ୍ଥାନରୁ ଉପାଡ଼ି ଦିଆଯିବ, ସେତେବେଳେ ସେମାନଙ୍କ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଛୋଟ ମାଛ, କଙ୍କଡ଼ା, ଶାମୁକା ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଜୀବ ସବୁଦିନ ପାଇଁ ବାସହୀନ ହୋଇ ମୃତ୍ୟୁବରଣ କରିବେ । ଗୋଟିଏ ସୁଦୃଢ଼ ଇକୋସିଷ୍ଟମ୍ ବା ପରିବେଶ ସନ୍ତୁଳନ ସମ୍ପୂର୍ଣ୍ଣ ରୂପେ ଭୁସୁଡ଼ି ପଡ଼ିବ । ଏହା ସହିତ ଗ୍ରେଟ୍ ନିକୋବରର ସ୍ଥଳଭାଗରେ ନଷ୍ଟ ହେବାକୁ ଥିବା ୧୩୦ ବର୍ଗ କିଲୋମିଟରର ବର୍ଷାବନ ଏହି ବିନାଶଲୀଳାକୁ ଆହୁରି ତୀବ୍ର କରିବ । ଗାଲାଥିଆ ଉପସାଗର ହେଉଛି ବିଶ୍ୱର ସର୍ବବୃହତ ସାମୁଦ୍ରିକ କଇଁଛ 'ଲେଦରବ୍ୟାକ୍ ଟର୍ଟଲ୍' ମାନଙ୍କର ଏକ ପ୍ରମୁଖ ଅଣ୍ଡାଦାନ ସ୍ଥଳୀ । ବନ୍ଦର ନିର୍ମାଣ ଏବଂ ପ୍ରବାଳ ଖୋଦନ ଯୋଗୁଁ ଏହି ବିରଳ କଇଁଛମାନଙ୍କର ପ୍ରଜନନ ପ୍ରକ୍ରିୟା ସବୁଦିନ ପାଇଁ ବାଧାପ୍ରାପ୍ତ ହେବ । କେବଳ ବନ୍ୟଜନ୍ତୁ ନୁହଁନ୍ତି, ସେଠାରେ ହଜାର ହଜାର ବର୍ଷ ଧରି ବାସ କରୁଥିବା ଆଦିମ ଜନଜାତି 'ଶୋମ୍ପେନ୍' ଏବଂ 'ନିକୋବରୀ' ମାନଙ୍କ ଅସ୍ତିତ୍ୱ ପ୍ରତି ମଧ୍ୟ ବଡ଼ ସଙ୍କଟ ସୃଷ୍ଟି ହୋଇଛି । ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପାୟନ ଯୋଗୁଁ ସାରା ବିଶ୍ୱରେ ସମୁଦ୍ର ଜଳର ତାପମାତ୍ରା ବୃଦ୍ଧି ପାଉଛି, ଯାହା ଫଳରେ ପ୍ରବାଳଗୁଡ଼ିକ 'ବ୍ଲିଚିଂ' ବା ରଙ୍ଗହୀନ ହୋଇ ବହୁଳ ମାତ୍ରାରେ ମରିଯାଉଛନ୍ତି । ଏପରି ଏକ ସଙ୍କଟଜନକ ସମୟରେ, ଭାରତର ଏହି ଅମୂଲ୍ୟ ସାମୁଦ୍ରିକ ସମ୍ପଦକୁ ସୁରକ୍ଷା ଦେବା ପରିବର୍ତ୍ତେ ବିକାଶ ନାମରେ ନଷ୍ଟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଅଦୂରଦର୍ଶୀ ପଦକ୍ଷେପ ଅଟେ ।

ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ବିକାଶ ନାମରେ ପ୍ରକୃତିର ଏତେ ବଡ଼ ଧରଣର ବିନାଶକୁ କଦାପି ଗ୍ରହଣ କରାଯାଇପାରିବ ନାହିଁ । ଗ୍ରେଟ୍ ନିକୋବର ଦ୍ୱୀପରେ କରାଯିବାକୁ ଥିବା ପ୍ରବାଳ ସ୍ଥାନାନ୍ତରଣ କୌଣସି ବୈଜ୍ଞାନିକ ସଂରକ୍ଷଣ ପଦ୍ଧତି ନୁହେଁ, ବରଂ ଏହା ଏକ ବିଶାଳ ପ୍ରକଳ୍ପର ପରିବେଶଗତ କ୍ଷତିକୁ ଲୁଚାଇବା ପାଇଁ ଏକ ପ୍ରାୟୋଜିତ ଭ୍ରମ ମାତ୍ର ଅଟେ । ପରିବେଶ ପ୍ରଶମନ ବା 'ମିଟିଗେସନ୍' ଶବ୍ଦକୁ ଏକ ଯାଦୁକରୀ ବଟିକା ଭାବରେ ବ୍ୟବହାର କରି ପରିବେଶ ଧ୍ୱଂସକୁ ନ୍ୟାୟସଙ୍ଗତ ଦର୍ଶାଇବା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ପରିବେଶବିତ୍‌ମାନେ ଦାବି କରୁଛନ୍ତି । ହଜାର ହଜାର ବର୍ଷ ଧରି ସୃଷ୍ଟି ହୋଇଥିବା ଏକ ଅମୂଲ୍ୟ ପ୍ରାକୃତିକ ସମ୍ପଦକୁ ମେସିନ୍ ସାହାଯ୍ୟରେ ତାଡ଼ି ନେଇ ଅନ୍ୟତ୍ର ଥଇଥାନ କରିବାର ଅହଙ୍କାର ମଣିଷ ସମାଜ ପାଇଁ ଦିନେ ବହୁତ ମହଙ୍ଗା ସାବ୍ୟସ୍ତ ହେବ । ସରକାର କେବଳ କାଗଜପତ୍ରରେ ସବୁଜ ସ୍ୱପ୍ନ ନ ଦେଖାଇ, ବାସ୍ତବିକ ପରିବେଶଗତ ତଥ୍ୟ, ବିଶ୍ୱସ୍ତରୀୟ ଗବେଷଣା ଏବଂ ସାମୁଦ୍ରିକ ବିଶେଷଜ୍ଞମାନଙ୍କର ଚେତାବନୀକୁ ଗୁରୁତ୍ୱ ଦେବା ଉଚିତ୍ । କୌଣସି ବିକାଶମୂଳକ ପ୍ରକଳ୍ପ ପରିବେଶର ମୂଲ୍ୟ ଦେଇ କରାଯିବା ଉଚିତ୍ ନୁହେଁ, ବିଶେଷକରି ଯେତେବେଳେ ଏହା ଏକ ସମ୍ବେଦନଶୀଳ ଦ୍ୱୀପପୁଞ୍ଜର ଇକୋସିଷ୍ଟମ୍ ସହିତ ଜଡ଼ିତ । ଯଦି ଏହି ପ୍ରକଳ୍ପକୁ ବର୍ତ୍ତମାନର ରୂପରେଖ ସହ ଆଗକୁ ବଢ଼ାଯାଏ, ତେବେ ଭାରତ ମହାସାଗରର ଏହି ଅମୂଲ୍ୟ ଜୈବବିବିଧତା କେବଳ ଇତିହାସର ପୃଷ୍ଠାରେ ହିଁ ସୀମିତ ହୋଇ ରହିଯିବ ।

ଧ୍ୱନି ପ୍ରତିଧ୍ୱନି



# ସ୍ୱଭାବ-କବିଙ୍କ ପୌତ୍ରବଧୂ 'ଲତା'

## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

'ଲତା' ନାମଟି ସ୍ମରଣ କରିବା ମାତ୍ରକେ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସ୍କରଙ୍କ ଅନନ୍ୟ ମାଧୁର୍ଯ୍ୟଭରା କଣ୍ଠ ସଙ୍ଗୀତ ହୃଦୟର ସୂକ୍ଷ୍ମ ବୀଣା-ତାରରେ ସୃଷ୍ଟି କରିଦିଏ ଅପୂର୍ବ ମୂର୍ଚ୍ଛନା। ଜଗତ ବିଖ୍ୟାତ ସଙ୍ଗୀତ-ସରସ୍ୱତୀ ସେ। ସବୁ ମଧୁରତାର ମୂଳ ଉତ୍ସ ହେଲେ ଦିବ୍ୟ ଜନନୀ ମା ବୀଣାପାଣି। ସେ କାହା ହୃଦୟରେ କାହିଁକି କେତେବେଳେ ପ୍ରବେଶ କରିବେ, କାହା କଣ୍ଠସ୍ୱର ମାଧ୍ୟମରେ ସଂଗୀତର ନାନା ବିଧ ରାଗ ରାଗିଣୀରେ ପ୍ରକାଶିତ ହେବେ, ପୃଥିବୀ ବିଖ୍ୟାତ ହେବେ କିମ୍ବା ଅଖ୍ୟାତ ପଲ୍ଲୀବଧୂର କଣ୍ଠ ମଧ୍ୟଦେଇ ସୁଲଳିତ ବାଣୀ ଉଚ୍ଚାରଣ କରିବେ -ସେହି ଚୂଡ଼ାନ୍ତ ନିଷ୍ପତ୍ତି ତାଙ୍କର। ଅ ଖ୍ୟାତ-ବିଖ୍ୟାତ ନିର୍ବିଶେଷରେ ସେ, ସେମାନଙ୍କ ଆଧାର ମଧ୍ୟରେ ପ୍ରବେଶ କରନ୍ତି ଯାହାଙ୍କ ହୃଦୟ-ବେଦୀ ଆନ୍ତରିକ ଭାବରେ ଆବାହନ କରୁଥାଏ ତାଙ୍କୁ ନିଜକୁ ପରିଶୁଦ୍ଧ ଭାବରେ ପ୍ରସ୍ତୁତ ରଖି।

ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପୌତ୍ରବଧୂ ଶ୍ରୀମତୀ ଲତା ଦେବୀ ଥିଲେ ସେହି ପର୍ଯ୍ୟାୟର ଏକ ପବିତ୍ରାତ୍ମା। କବି-ପରିବାରର ବଧୂ ରୂପରେ ତାଙ୍କର ଶୁଭାନୁଗମନ ହୁଏ କବିଙ୍କ ତୃତୀୟ ପୌତ୍ର ଶ୍ରୀଯୁକ୍ତ ବିନୋଦ ଚନ୍ଦ୍ର ମେହେରଙ୍କ ଧର୍ମପତ୍ନୀ ଭାବରେ। ଅନ୍ତର ବାହାର ସବୁକିଛି ଥିଲା ସ୍ନିଗ୍ଧ ସୁଶୀତଳ ଜ୍ୟୋତ୍ସ୍ନାଧାରା ସଦୃଶ, ଯାହାକୁ ମାନବୀୟ ଭାଷାରେ କୁହାଯାଏ 'ସୌନ୍ଦର୍ଯ୍ୟମୟ' ବୋଲି। ସମସ୍ତଙ୍କ ପ୍ରତି କି ମଧୁର ସମ୍ବୋଧନ ତାଙ୍କର!! ବ୍ୟବହାରରେ କି ଆତ୍ମୀୟତାର ସ୍ଫୁରଣ!! ସେ କଥା କହୁଥିଲେ ନା ସଙ୍ଗୀତ ଗାନ କରୁଥିଲେ? ପ୍ରତିଟି ଶବ୍ଦର ଉଚ୍ଚାରଣ କି ନିଟୋଳ!! ବାର୍ତ୍ତାଳାପରେ ନିରନ୍ତର କ୍ଷରିତ ହେଉଥିଲା ଅମୃତର ଧାରା। ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ଶ୍ରୀମା ଶ୍ରୀଅରବିନ୍ଦଙ୍କ ନିକଟରେ ପୂର୍ଣ୍ଣ ସମର୍ପିତ ଚନ୍ଦ୍ର ଶେଖର ରଥ ନିଜ ଆଧାତ୍ମିକ ଅନୁଭୂତିର ଆଧାରରେ ଲେଖିଛନ୍ତି ଏକ ପୁସ୍ତକ ଯାହାର ନାମ ହେଉଛି, 'ପାଠଚକ୍ର ଡାଏରୀ'। ସେଥିରେ ଗୋଟିଏ ଦିନର ଅନୁଭବ ବ୍ୟାଖ୍ୟା କରି ସେ ପ୍ରତିପାଦନ କରିଦେଇଛନ୍ତି ଯେ, ଦାମ୍ପତ୍ୟ କଳହ ଜୀବନ ନିର୍ବାହ କ୍ଷେତ୍ରରେ କିପରି ବର୍ଜନୀୟ। ସର୍ବାଧୁନିକ ଦୃଷ୍ଟିଭଙ୍ଗୀ ହେଉଛି ବିନା କଳହରେ ମଧ୍ୟ ଦାମ୍ପତ୍ୟ ଜୀବନ ହୋଇପାରେ କିପରି ସ୍ୱଚ୍ଛନ୍ଦ ଭାବରେ ଗତିଶୀଳ। ଏପରି ଦମ୍ପତିଙ୍କୁ ସ୍ୱଚକ୍ଷୁରେ ଏ ପୃଥିବୀ ବକ୍ଷରେ ପ୍ରତ୍ୟକ୍ଷ କରିବା କଣ ଏତେ ସହଜ? ବିନୋଦ ଚନ୍ଦ୍ର ମେହେର ଓ ଲତାଦେବୀ ଥିଲେ ସେହି ଆଧୁନିକ ଆଦର୍ଶର ଏକ ଶ୍ରେଷ୍ଠ ଉଦାହରଣ। ପୁଣି ସମଗ୍ର କବି ପରିବାରର ସବୁ ସନ୍ତାନଙ୍କ ପ୍ରତି ସେ ସମାନ ସ୍ନେହ ଶ୍ରଦ୍ଧା ଢାଳି ଦେବାରେ କେବେ ବି ସାମାନ୍ୟ କାର୍ପଣ୍ୟ କରି ନାହାନ୍ତି। ବିନୋଦ ଚନ୍ଦ୍ର ଭୁବନେଶ୍ୱର ସଚିବାଳୟରେ ତାଙ୍କ ସୁଦୀର୍ଘ କର୍ମମୟ ଜୀବନ ଅତିବାହିତ କରିଥିବାରୁ ଭୁବନେଶ୍ୱରରେ ରହୁଥିଲେ ସପରିବାର। କବିପୁତ୍ର ଭଗବାନ ମେହେର ଭୁବନେଶ୍ୱର ଆସି ପ୍ରିୟ ପୁତ୍ର, ପୁତ୍ରବଧୂ ଓ ନାତି ନାତୁଣୀଙ୍କ ଗହଣରେ ରହିଯାଆନ୍ତି ମାସ ମାସ। ସମସ୍ତଙ୍କ ଠାରୁ ବିଦାୟ ନେଇ ବରପାଲି ପ୍ରତ୍ୟାବର୍ତ୍ତନ ବେଳେ କିପରି ହୋଇଯାଆନ୍ତି ଅଶ୍ରୁସ୍ନାତ ତାହା ବ୍ୟକ୍ତ କରିଛନ୍ତି ସେ ପୁତ୍ର ବିନୋଦ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପ୍ରେରିତ ପତ୍ରଗୁଡିକରେ। ବରପାଲି ସହିତ ପଶ୍ଚିମ ଓଡ଼ିଶାର କେତେ ଭଦ୍ରବ୍ୟକ୍ତି ଓ ପରିବାର ପାଇଁ ତାହା ଥିଲା ସତେ ଯେମିତି ଏକ ମମତାମୟ ନୀଡ଼। ଯିଏ ବି ଆସୁଥିଲେ ସେମାନେ ଲତାଦେବୀଙ୍କ ଆତିଥ୍ୟରେ ଅଭିଭୂତ ହୋଇ ଫେରୁଥିଲେ। ସାଧାରଣ ଶାଗବାଲି କି ବୁଲା ବିକାଳୀ ଫେରିବାଲାଟିଏ ବି ଶୂନ୍ୟ ହସ୍ତରେ ଫେରୁ ନଥିଲେ ସେଠୁ। ବୃକ୍ଷଲତା ବି କି ଆଦର ଯତ୍ନରେ ବର୍ଦ୍ଧିତ ହେଉଥିଲେ ସେଠି!! ସପରିବାର ଯେତେବେଳେ ବରପାଲି ଯାଆନ୍ତି ସେମାନେ ସାରା ଘରଟିକୁ ପରିଷ୍କାର ପରିଚ୍ଛନ୍ନ କରିଦେଇ କେତେ ଅସଜଡ଼ା ଜିନିଷ ସୁସଜ୍ଜିତ କରି, ଭାଙ୍ଗି ପଡୁଥିବା କେତେ ମନକୁ ଯୋଡ଼ି ଦେଇ ଆସନ୍ତି। ଆତ୍ମୀୟ ସ୍ୱଜନଙ୍କ ନିକଟକୁ ମଧ୍ୟ କେତେ ଚିଠି ଲେଖିଛନ୍ତି ଲତା ଦେବୀ ! ନିଜ ପ୍ରିୟ ନଣନ୍ଦ କବିଙ୍କ କନିଷ୍ଠା ପୌତ୍ରୀ ପଦ୍ମାଳୟା ମେହେରଙ୍କୁ ଦେଇଥିବା ଏକ ପତ୍ର ବିନୋଦ ଚନ୍ଦ୍ରଙ୍କ ହସ୍ତଗତ ହେବାରୁ ତାକୁ କେନ୍ଦ୍ର କରି ଭାବବିଷ୍ଟ ଭାବରେ ଏକ ପୁସ୍ତକ ରଚନା କରିଦେଇଥିଲେ ସେ ଜୀବନର ଅନ୍ତିମ ପର୍ଯ୍ୟାୟରେ। ସତେ କି ତାହାହିଁ ଥିଲା ଶେଷ ଜୀବନର ଶ୍ରେଷ୍ଠ ଆବିଷ୍କାର ତାଙ୍କ ପାଇଁ।

ଭୁବନେଶ୍ୱରରେ ସୁଦୀର୍ଘ କାଳ ରହିଯିବା ପରେ ଆଉ କିଏ କଣ ନିଜ ଗାଁକୁ ଫେରିବାକୁ ଇଚ୍ଛା କରେ? କିନ୍ତୁ ବିନୋଦ ଚନ୍ଦ୍ରଙ୍କ ବରପାଲିକୁ ଫେରିଯିବା ହିଁ ଥିଲା ଶେଷ ଆଉ ଶ୍ରେଷ୍ଠ ସ୍ୱପ୍ନ। ଲତା ଦେବୀ ସେଇ ସ୍ୱପ୍ନ ସହ ଥିଲେ ଏକାକାର। ୧୯୮୫ ମସିହାରେ ଯେତେବେଳେ ସେମାନେ ପ୍ରତ୍ୟାବର୍ତ୍ତନ କରନ୍ତି, କବି-ପରିବାର ହୋଇଯାଏ ପରିପୂର୍ଣ୍ଣ ଅମୃତମୟ ନିଳୟ। ପ୍ରତିଟି ଦିନ ମନେ ହୁଏ ଉତ୍ସବମୟ।

ଏହାରି ମଧ୍ୟରେ କିଏ ଜଣେ ଥାଏ ଅନ୍ତରାଳରେ ଯିଏ ମଣିଷର ଏତେ ସୀମାତୀତ ଆନନ୍ଦ ସହ୍ୟ କରି ପାରେନା। ମାତ୍ର ତିନୋଟି ମାସ ମଧ୍ୟ ପୂର୍ଣ୍ଣ ହୋଇ ନଥାଏ। ଆକସ୍ମିକ ଭାବରେ ଜୁନ ମାସ ୧୬ ତାରିଖ ପୂର୍ବାହ୍ନରେ ନୀରବ ହୋଇ ଯାଆନ୍ତି ଲତା ଦେବୀ। ଯେଉଁ କଣ୍ଠରୁ ଝରୁଥିଲା ମଧୁର ନିର୍ଝର, ଅବରୁଦ୍ଧ ହୋଇଗଲା ସେଇ ଦ୍ୱାର। ଯେଉଁ ଦୁଇ ଆଖିରୁ ନିତ୍ୟ ବିଚ୍ଛୁରିତ ହେଉଥିଲା ସ୍ନେହ-ସୁଧା, ସେଇ ଆଖି ଦୁଇଟି ଆଉ ଖୋଲିଲା ନାହିଁ। ଯେଉଁ ମୁହଁ ସାରା ଖେଳି ବୁଲୁଥିଲକ୍ଷ ପ୍ରଭାତ



କାଳୀନ ଶୁଭ୍ରତା ତାହା ପୁଣି କେମିତି କିଛି କ୍ଷଣ ମଧ୍ୟରେ ଆହା!! ମଳିନ ଦେଖାଗଲା। କି ଦୁର୍ଭାଗ୍ୟ !! ପରିବାର ସ୍ତବ୍ଧ। ଅଥଚ ଅନ୍ତର ଭିତରେ ମହାବାତ୍ୟାର ତାଣ୍ଡବ। ସମଗ୍ର ବରପାଲି ହୋଇଗଲା ନିଥର। ଶେଷ ବିଦାୟ ଲଗ୍ନରେ ଯେଉଁ 'କବିଭବନକୁ' ସେ ବଧୂ ଭାବରେ ପଦାର୍ପଣ କରିଥିଲେ ସେଇ ଘରର ମୁଠାଏ ମାଟି ଅର୍ପିତ ହେଲା ତାଙ୍କ ପ୍ରତି। ପ୍ରଚଣ୍ଡ ଗ୍ରୀଷ୍ମରେ ବି ମାଟି ମୁଠାକ ଆଞ୍ଜୁଳାଏ ଜଳରେ କିପରି ପରିଣତ ହୋଇଯାଏ ସେଇ ଦୃଶ୍ୟ ନଦେଖିଲେ ବିଶ୍ୱାସ କରିବ କି କେହି? ଦେଖୁଁ ଦେଖୁଁ ୪୧ ବର୍ଷ ବିତିଯାଇ ସାରିଛି। ଅଥଚ ହୃଦୟ ଅଭ୍ୟନ୍ତରରେ ପ୍ରତିଧ୍ୱନିତ ହୋଇ ଉଠୁଛି ତାଙ୍କ ସୁମିଷ୍ଟ ଭାଷା, ଯାହା ଥିଲା ସାଙ୍ଗୀତିକ ସୌହାର୍ଦ୍ଦ୍ୟରେ ସ୍ୱତନ୍ତ୍ର, ଏକ ଶୁଭାଶୀର୍ବାଦ।

+ପରିଦର୍ଶୀ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ



# କାର୍ଯ୍ୟରେ ନିଷ୍ଠା ଓ ଆଗ୍ରହର ଆବଶ୍ୟକତା

## ଇଂ. ବିଜୟ ମିଶ୍ର

ଅନେକ ବର୍ଷ ପୂର୍ବେ ଥରେ ଜଣେ ଭ୍ରମଣକାରୀ ଇଂଲଣ୍ଡର ସାଲିସବରୀରେ ଶରତ ଋତୁର ଏକ କୁହୁଡ଼ିଆ ରାସ୍ତାରେ ଯିବା ସମୟରେ, ଆଭନ୍ ନଦୀ କୂଳରେ କେତେଜଣ କାରିଗରଙ୍କୁ ପଥର କାଟୁଥିବାର ଦେଖିଲେ। ଏତେ ସଂଖ୍ୟକ ଲୋକଙ୍କୁ ପଥର କାଟୁଥିବା ଦେଖି ତାଙ୍କ ମନରେ କୌତୂହଳ ଜାତ ହେଲା। ସେ ଭାବିଲେ, ନିଶ୍ଚିତ ଭାବେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ ପାଇଁ ଏହି କାରିଗରମାନେ ଏତେ ପରିଶ୍ରମ କରି ଏଠି ପଥର କାଟିବା କାର୍ଯ୍ୟ କରୁଛନ୍ତି। ଯଦିଓ ସେହି ଭ୍ରମଣକାରୀ ଜଣକ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷାତକାର ପାଇଁ ଯାଉଥିଲେ ଏବଂ ତାଙ୍କର ବିଳମ୍ବ ହେଉଥିଲା, ତଥାପି ନିଜର ଉତ୍ସୁକତା ହେତୁ ସେ କାର୍ଯ୍ୟରତ କାରିଗରଙ୍କ ମୁଖରୁ ଏହି କାର୍ଯ୍ୟ ବିଷୟରେ ଜାଣିବାକୁ ଚାହିଁଲେ। ପ୍ରଥମେ ସେ ଜଣେ କାରିଗରଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ପଚାରିଲେ, "ହେ ମୋର ପ୍ରିୟ ବନ୍ଧୁ, ଆପଣ କ'ଣ କରୁଛନ୍ତି?" ସେହି କାରିଗର ଜଣକ ଭ୍ରମଣକାରୀଙ୍କ ପ୍ରତି ଆଦୌ ଧ୍ୟାନ ନଦେଇ, ତଳକୁ ଚାହିଁ ନିଜ କାମ ଜାରି ରଖିଲେ ଏବଂ ଅତ୍ୟନ୍ତ ଉଦାସ ଓ ବିରକ୍ତିଭରା ସ୍ୱରରେ କହିଲେ, "ମୁଁ ପଥର କାଟୁଛି।" ସେହି ବ୍ୟକ୍ତିଙ୍କ ଉତ୍ତରରୁ ଭ୍ରମଣକାରୀ ବୁଝିପାରିଲେ ଯେ ସେହି ପଥର କଟାଳି ଜଣକ ତାଙ୍କ ସହିତ ବାର୍ତ୍ତାଳାପ କରିବା ପାଇଁ ଇଚ୍ଛୁକ ନୁହଁନ୍ତି। ସେ ଏହା ମଧ୍ୟ ଅନୁଭବ କରିଲେ ଯେ, ସେହି କାରିଗର ଜଣକ ନିଜ କାର୍ଯ୍ୟ ପ୍ରତି ବିମୁଖ ତଥା ମାନସିକ ସ୍ତରରେ ବି ଦୁଃଖୀ ଅଛନ୍ତି। ତେଣୁ ଭ୍ରମଣକାରୀ ଜଣକ ଆଉ କିଛି ନକହି ଆଗକୁ ବଢ଼ି ଚାଲିଲେ।

ସେଇ ଭ୍ରମଣକାରୀ ?କିଛି ବାଟ ଆଗକୁ ଗଲାପରେ ପଥର କାଟୁଥିବା ଆଉ ଜଣେ ବ୍ୟକ୍ତିଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ମଧ୍ୟ ସେହି ସମାନ ପ୍ରଶ୍ନ ପଚାରିଲେ, "ହେ ମୋର ପ୍ରିୟ ବନ୍ଧୁ, ଆପଣ କ'ଣ କରୁଛନ୍ତି?" ତାଙ୍କ ପ୍ରଶ୍ନ ଶୁଣି ଦ୍ୱିତୀୟ ବ୍ୟକ୍ତି ଜଣକ ନିଜ କାମ ବନ୍ଦ କରି ସଂକ୍ଷେପରେ କହିଲେ ଯେ ସେ ଜଣେ ପଥର କାରିଗର। ତା' ପରେ ସେ ଆହୁରି ମଧ୍ୟ କହିଲେ, 'ମୋ ପରିବାରର ଭରଣପୋଷଣ ପାଇଁ ମୁଁ ଉତ୍ତର ସୀମାରୁ ଏହି ସାଲିସବରୀକୁ କାମ କରିବାକୁ ଆସିଛି। କିଛି ଅର୍ଥ ରୋଜଗାର କରି ମୁଁ ଖୁବ୍ ଶୀଘ୍ର ମୋ ଘରପରିବାର ନିକଟକୁ ଫେରିଯିବି।' ଭ୍ରମଣକାରୀ ଦ୍ୱିତୀୟ କାରିଗରଙ୍କୁ ଧନ୍ୟବାଦ ଜଣାଇଲେ ଏବଂ ତାଙ୍କର ସକୁଶଳ ଗୃହ ପ୍ରତ୍ୟାବର୍ତ୍ତନ କାମନା କରି ଆଗକୁ ବଢ଼ିଚାଲିଲେ।

ଏହା ପରେ ଭ୍ରମଣକାରୀ ତୃତୀୟ କାରିଗରଙ୍କ ନିକଟକୁ ଯାଇ ପୁଣି ଥରେ ନିଜର ମୂଳ ପ୍ରଶ୍ନଟି ପଚାରିଲେ, "ହେ ମୋର ପ୍ରିୟ ବନ୍ଧୁ, ଆପଣ କ'ଣ କରୁଛନ୍ତି?" ଭ୍ରମଣକାରୀଙ୍କ ପ୍ରଶ୍ନ ଶୁଣି ତୃତୀୟ କାରିଗର ଜଣକ ନିଜର ପଥର ଭାଙ୍ଗିବା କାର୍ଯ୍ୟ ବନ୍ଦ କରି କିଛି ସମୟ ତାଙ୍କ ଆଡ଼କୁ ଚାହିଁଲେ, ତାଙ୍କ ସହ ଆଖି ମିଳାଇଲେ ଏବଂ ତା' ପରେ ଉପର ଆକାଶକୁ ଚାହିଁଲେ। ପୁଣି ଭ୍ରମଣକାରୀଙ୍କ ଆଖିରେ ଆଖି ମିଳାଇ ସହାସ୍ୟ ମୁଖରେ ଉତ୍ତର ଦେଲେ, 'ମୁଁ ଜଣେ ପଥର କାରିଗର ଏବଂ ମୁଁ ଏକ ବିରାଟ ଗୀର୍ଜାଗୃହ ନିର୍ମାଣ କରୁଛି।' ସେ କହିବା ଜାରି ରଖି ପୁଣି କହିଲେ, "ଏହି ଭବ୍ୟ ଗୀର୍ଜାଗୃହ ନିର୍ମାଣ କରୁଥିବା ଦଳର ଏକ ଅଂଶ ହେବା ପାଇଁ ମୁଁ ଅନେକ ଦୂରରୁ ଯାତ୍ରା କରି ଏଠାକୁ ଆସିଛି। ମୁଁ ମୋ ପରିବାରଠାରୁ ଅନେକ ଦୂରରେ ଅନେକ ମାସ ବିତାଇସାରିଛି। ମୋ ପରିବାରକୁ ମୁଁ ବହୁତ ଭଲପାଏ ଓ ସେମାନଙ୍କୁ ବହୁତ ମନେ ମଧ୍ୟ ପକାଏ। ତଥାପି, ମୁଁ ଜାଣେ, ଦିନେ ଏହି ସାଲିସବରୀ ଗୀର୍ଜା କେତେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେବ। ମୁଁ ଏହା ବି ଜାଣେ, ଅନେକ ଲୋକ ଏଠାରେ ବସବାସ କରିବେ ଏବଂ ଏକ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଆଶ୍ରୟ ପାଇବେ। ମୁଁ ଏହା ଜାଣେ କାରଣ ବିଶପ୍ ଥରେ ମୋତେ ଏହି ମହାନ ସ୍ଥାନ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, ଭବିଷ୍ୟତରେ ଅନେକ ଲୋକ ବିଭିନ୍ନ ସ୍ଥାନରୁ ଏଠାକୁ ଆସି ଉପାସନା କରିବେ। ବିଶପ୍ ଏହା ମଧ୍ୟ କହିଛନ୍ତି ଯେ, ଆମ ଜୀବନକାଳରେ ହୁଏତ ଏହି ଗୀର୍ଜାଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ, କିନ୍ତୁ ଏହାର ଭବିଷ୍ୟତ ଆମରି କଠିନ ପରିଶ୍ରମ ଉପରେ ହିଁ ନିର୍ଭର କରେ।" ସେ କିଛି କ୍ଷଣ ବିରାମ ନେଇ ପୁଣି କହିଲେ, 'ମୁଁ ମୋ ପରିବାରଠାରୁ ଦୂରରେ ରହିବାକୁ ପ୍ରସ୍ତୁତ, କାରଣ ମୁଁ ଜାଣେ ଏହା ମୋ ପାଇଁ ଏକ ସଠିକ କାର୍ଯ୍ୟ। ମୁଁ ଆଶା କରେ, ଦିନେ ମୋ ପୁଅ ମଧ୍ୟ ମୋ ପଦଚିହ୍ନ ଅନୁସରଣ କରିବ ଏବଂ ଆବଶ୍ୟକ ହେଲେ ସମ୍ଭବତଃ ତାଙ୍କର ପୁଅ ମଧ୍ୟ।"

ଉପରୋକ୍ତ କାହାଣୀଟିର ସାରମର୍ମ ଏହିପରି - ଏହା ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ନିଜ କାର୍ଯ୍ୟ ପ୍ରତି ଥିବା ଆଗ୍ରହ ଓ ନିଷ୍ଠାର ଭିନ୍ନତାକୁ ଦର୍ଶାଇଥାଏ। କାହାର ନିଜ କାର୍ଯ୍ୟ ପ୍ରତି ଆଦୌ ଆଗ୍ରହ ଓ ନିଷ୍ଠା ନଥାଏ, ତ ଆଉ କେହି ନିଜ କାର୍ଯ୍ୟକୁ ଅତ୍ୟନ୍ତ ଆଗ୍ରହ ଓ ଉତ୍ସାହ ସହିତ ସମ୍ପାଦନ କରି ସେଥିରୁ ଆନନ୍ଦ ପାଇଥାନ୍ତି। ଯେକୌଣସି କାର୍ଯ୍ୟ କରିବା ସମୟରେ ଉତ୍ସାହ ଓ ଆଗ୍ରହର ସହିତ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ତଥା କାର୍ଯ୍ୟର ମୂଳ ଉଦ୍ଦେଶ୍ୟ ପ୍ରତି ମନ ଓ ହୃଦୟରୁ ନିଷ୍ଠା ରହିଲେ, ସେହି କାର୍ଯ୍ୟର ଫଳାଫଳ ଓ ଗୁଣାତ୍ମକ ମାନରେ ଉତ୍କର୍ଷତା ଆସିବା ସହ କାର୍ଯ୍ୟଟି ସୁଚାରୁରୂପେ ଓ ସଠିକ ସମୟରେ ସଂପାଦିତ ହୋଇପାରିଥାଏ। ତତ୍ ସହିତ ସେହି କାର୍ଯ୍ୟର ମୂଳ ଉଦ୍ଦେଶ୍ୟ ମଧ୍ୟ ସାଧିତ ହୋଇଥାଏ। ଏହାର ବିପରୀତ, ଯେକୌଣସି କାର୍ଯ୍ୟ ପ୍ରତି ଆଗ୍ରହ, ଉତ୍ସାହ ଓ ନିଷ୍ଠା ନ ରହିଲେ, ସେହି କାର୍ଯ୍ୟଟି ସଠିକ ସମୟରେ ଓ ସଠିକ ଭାବେ ସଂପାଦନ ହେବା କାଠିକର ପାଠ ହୋଇପଡ଼େ ତଥା କାର୍ଯ୍ୟର ଗୁଣାତ୍ମକ ମାନରେ ଉତ୍କର୍ଷତାର ଅଭାବ ପରିଲକ୍ଷିତ ହୁଏ।

ଉପରୋକ୍ତ ଦୃଷ୍ଟାନ୍ତରେ ତିନି ଜଣ ପଥର କଟାଳି ଏକା କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କର ଆଗ୍ରହ, ନିଷ୍ଠା ଓ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପ୍ରଥମ ପଥର କଟାଳି ଜଣକ ନିଜ କାର୍ଯ୍ୟକୁ ଆଗ୍ରହ, ଉତ୍ସାହ ଓ ଆନନ୍ଦର ସହିତ କରୁନଥିଲେ; ଏଣୁ ସେ ନିଜ କାମ ପ୍ରତି ବିମୁଖ ଥିଲେ ଓ ନିଜେ ମଧ୍ୟ ଦୁଃଖୀ ଥିଲେ। ଦ୍ୱିତୀୟ ପଥର କଟାଳିଙ୍କ ଉଦ୍ଦେଶ୍ୟ ପ୍ରଥମ ବ୍ୟକ୍ତିଙ୍କ ଅପେକ୍ଷା ଅନେକ ଭଲ ଥିଲା। ନିଜର କର୍ମ ମଧ୍ୟରେ ସେ ନିଜର ତଥା ନିଜ ପରିବାରର ଭରଣପୋଷଣ ଓ ଜୀବିକା ନିର୍ବାହର ପନ୍ଥା ପାଇଥିଲେ। ତାଙ୍କ କାର୍ଯ୍ୟରେ ଦାୟିତ୍ୱବୋଧ ଓ ନିଷ୍ଠା ଥିଲା।

ତୃତୀୟ ପଥର କଟାଳି ନିଜ କାର୍ଯ୍ୟର ମୂଳ ଓ ମହତ ଉଦ୍ଦେଶ୍ୟକୁ ଉପଲବ୍ଧି କରିପାରିଥିଲେ। ସେ ଆନନ୍ଦ, ଉତ୍ସାହ ତଥା ଅତ୍ୟନ୍ତ ନିଷ୍ଠାର ସହ ନିଜ କାର୍ଯ୍ୟ ସଂପାଦନ କରି ନିଜ ପରିବାରର ଭରଣପୋଷଣ ଦାୟିତ୍ୱ ନିର୍ବାହ କରିବା ସହିତ ନିଜ କାର୍ଯ୍ୟର ସେହି ମହାନ ଲକ୍ଷ୍ୟ ପ୍ରତି ସତତ ଚେଷ୍ଟିତ ଓ ସଦା ସଚେତନ ଥିଲେ।

+ ଫ୍ଲାଟ ନମ୍ବର- ୩୦୫
ନନ୍ଦିଘୋଷ ଆପାର୍ଟମେଣ୍ଟ,
କମାପଲ୍ଲି-ଗୋଇଲୁଣ୍ଡି ରୋଡ଼,
ବ୍ରହ୍ମପୁର - ୭୬୦୦୦୪, ଗଞ୍ଜାମ
ମୋ: ୯୪୩୯୯୭୯୯୬୬



# ଜାଲରେ ବଡ଼ ମାଛ ପଡୁନାହାନ୍ତି ସବୁ ଚୁନାପୁଟି ମାଛ

## ସୁବ୍ରତ କର

ସକାଳୁ ଉଠି ଦୈନିକ ଖବର କାଗଜ ଖୋଲିଦେଲେ ଦେଖିବେ କିଛି ସରକାରୀ ବାବୁ ଭିଜିଲେନ୍ସ ଜାଲରେ ପଡ଼ି ଛଟପଟ ହେଉଛନ୍ତି । ଈଶ୍ୱର ପ୍ରଚୁର ସମୟ ଦେଇଥିବେ ନିଜକୁ ସଂଜତ ରଖିବା ପାଇଁ ଏବଂ ସଚେତନ ମଧ୍ୟ କରାଇଥିବେ ନିଜର ସୀମାକୁ ନ ଟପିବା ପାଇଁ । କିଏ କାହା କଥା ଶୁଣୁଛି? ଲୋଭ ଏକମାତ୍ର ଭରସା ଯାହାର ସୀମା ନଥାଏ । ବାରମ୍ବାର ଈଶ୍ୱରଙ୍କ କଥା ନ ଶୁଣିଲେ, ଆଗ୍ରହ୍ୟ କରିଲେ ଏବଂ ଡର ଭୟକୁ ବେଖାତିର କରିଲେ ଜଗା ଛାଡ଼ିବା ଲୋକ ନୁହଁନ୍ତି । ଦଣ୍ଡ ନିଶ୍ଚିତ । ଏମିତି ଦଣ୍ଡ ସାରା ଜୀବନ ଭୋଗିବାକୁ ପଡ଼ିବ । ଏବେ ଦେଖିବା ଭିଜିଲାନ୍ସ ଦ୍ୱାରା ଧରା ପଡ଼ିଲେ ବାବୁମାନଙ୍କର ଭବିଷ୍ୟତ କଣ ହୁଏ? ସେମିତି ଦେଖିଲେ ବିଶେଷ କିଛି ରୁହୁ ଟିକିଏ ଚମଡ଼ାକୁ ମୋଟା କରିଲେ ହେଲା । ଏହାର ଜ୍ୱଳନ୍ତ ଉଦାହରଣ ଏବେ ଏବେ ଜଣେ ଆଇଏଏସ୍ ବାବୁ ବର୍ଷେ ତଳେ ଧରା ପଡ଼ିବା ପରେ ଦଣ୍ଡ ଭୋଗିବା ପରେ ପୁଣି ସରକାରୀ ଚାକିରିକୁ ଫେରି ଆସିଛନ୍ତି । ଏବେ ଦେଖିବାର ଅଛି ସେହି ବାବୁ ବଟି ଦେବା ବନ୍ଦ କରି ପାରିବେ କି ନାହିଁ? ସେ ବାବୁ ପୁଣି ଏହି ପୁରୁଣା ରେକର୍ଡକୁ ନେଇ ମୁଖ୍ୟ ଶାସନ ସଚୀବ ପର୍ଯ୍ୟନ୍ତ ଯାଇ ପାରୁଛନ୍ତି କି ନାହିଁ । ଯେଉଁ ସରକାରୀ ବାବୁ ଭିଜିଲାନ୍ସ ହାତରେ ଧରା ପଡ଼ନ୍ତି ସେ ବାବୁଙ୍କୁ ସରକାରଙ୍କ ତରଫରୁ ସସପେଣ୍ଡ କରାହୁଏ। ଏପଟେ ଭିଜିଲେନ୍ସ ବିଭାଗ ସେ ବାବୁଙ୍କୁ ଜେଲ ପଠାଇବାର ବ୍ୟବସ୍ଥା କରିଥାଏ ଏବଂ କିଛି ମାସ ବା ବର୍ଷ ପରେ ସେ ବାବୁ ଜଣକ ଜେଲରୁ ମୁକୁଳିବା ପରେ ପୁଣି ଚାକିରିରେ ବହାଲ ହୁଅନ୍ତି ଏବଂ କାମ କରନ୍ତି । କଳା ଦାଗ ନିଶ୍ଚୟ ଲାଗିଥାଏ କିନ୍ତୁ ଅଣଦେଖା କଲେ ହେଲା। ଏବେ ଏବେ ମଜଣେ ବାବୁ (ସହକାରୀ ଯନ୍ତ୍ରୀ) ଜାଲରେ ଧରା ପଡ଼ିଛନ୍ତି ଏବଂ ଏହାଙ୍କର ନିଶା ଥିଲା ଜାଗା କିଣିବା ଏବଂ ନିଜକୁ ସନ୍ତୁଷ୍ଟ କରିବା ପାଇଁ ମୋଟେ ୪୯ଟି ଜାଗାର ମାଲିକ ହୋଇ ପାରିଛନ୍ତି । ଏଥର ଧରା ପଡ଼ି ନଥିଲେ ଏବଂ ଏହି ଭାବରେ ଆଗକୁ ମାଡ଼ି ଥାଆନ୍ତେ । ତେବେ ଚାକିରି ଶେଷ ବେଳକୁ ବୋଧହୁଏ ୧୦୦ରୁ ଊର୍ଦ୍ଧ୍ୱ ଜାଗା ତାଙ୍କ ଅକ୍ତିଆରରେ ରହନ୍ତା । ଏହାଛଡ଼ା ଦୁଇଟି ଫାର୍ମ ହାଉସ କେଜିଏ ସୁନା, ଦୁଇଟା ଫ୍ଲାଟ ଘର, ଅଢ଼େଇ କେଜି ରୂପା ଏବଂ ନଗଦ ଟଙ୍କା ପ୍ରାୟ ୬୬ ଲକ୍ଷ ଟଙ୍କା। ଏବେ ପ୍ରଶ୍ନ ଉଠୁଛି ଏମିତି କେତେ ସଂଖ୍ୟାରେ ବାବୁମାନେ ଆସି ସରକାରରେ ଅଛନ୍ତି ଏବଂ ଏମିତି କେତେ କୋଟି କୋଟି ଟଙ୍କାରେ ଲୋକ ଲୋଚନକୁ ଆସିବାରେ ଅଛି? ସବୁଠୁ ବଡ଼ ପ୍ରଶ୍ନ ହେଉଛି ସବୁ ବାବୁମାନେ ଜାଣିଛନ୍ତି ଯଦି ଧରା ପଡ଼ନ୍ତି ଜେଲ ଛଡ଼ା ଅନ୍ୟ ବାଟ କିଛି ନାହିଁ, ତଥାପି ଏହାକୁ ଆହୁରି ନେଇ ଥାଆନ୍ତି । ଆମ ବାବୁମାନେ କେବେ ସୁଧୁରିବେ? କେମିତି ସୁଧୁରି ପାରିବେ ଏବଂ ଏହାକୁ କେମିତି କମେଇ ପାରିବେ? ଏହା ବାବୁମାନେ ପ୍ରତି ମୁହୂର୍ତ୍ତରେ ସରକାରଙ୍କ ଆହ୍ୱାନ ଦେଉଛନ୍ତି ଯେ ଆମେ ଏମିତି କରିବୁ ତମେ ଆମକୁ କେତେ ଜେଲରେ ପୁରାଉଛ ପୁରାଅ । ମୋର ସରକାରଙ୍କୁ ଅନୁରୋଧ ରହିବ ଏହି ବାବୁମାନଙ୍କର ସବୁ ସମ୍ପତ୍ତିକୁ ବ୍ୟାଜ୍ୟାପ୍ତ କରି ଚାକିରିକୁ ବରଖାସ୍ତ କରିଲେ କେମିତି ହୁଅନ୍ତା? ମୁଁ ଭାବୁଛି ଏହା ହିଁ ଏକମାତ୍ର ବାଟ ।




# ଏକବିଂଶ ଶତାବ୍ଦୀରେ ରଜ

## ଅରୁଣ ଡାକୁଆ



ସଭ୍ୟତାର ଅଗ୍ରଗତି ହୋଇଛି ବୋଲି
ବିଜ୍ଞାନ ଯୁଗର ଯାନ୍ତ୍ରିକତାରେ ଛନ୍ଦି ହୋଇ
ଆମେ ଏବେ ଏକବିଂଶ ଶତାବ୍ଦୀ ରେ ପାଦ ଦେଇଛୁ
ଜଙ୍ଗଲ କ୍ଷୟ କରି, ସହରୀକରଣ ନାରାରେ
ଆମେ ଆଧୁନିକ ହୋଇଛୁ,
ଆଧୁନିକ ହୋଇ ଆଜି ଅଧୁନା ଶୈଳୀରେ
ଏବେ ଆମେ ଏକବିଂଶ ଶତାବ୍ଦୀରେ ରଜ ପାଳୁଛୁ ।

ନାହିଁ ଆଉ ଗାଁ ଆମ୍ବ ତୋଟାରେ
ବାଉଁଶ, ଦଉଡି ଦୋଳି
ରଜଗୀତ, ଭାଇ ମୁଣ୍ଡରେ ସୁନା ମୁକୁଟର କଥା
ସ୍ୱାର୍ଥତାର ତତ୍ତ୍ୱ ବୁଝି ନିଜର ବଡ଼ପଣିଆରେ
ଆମେ ଏବେ ବାଲକୁନିରେ
କିଣାଦୋଳି, ଲୁହାଦୋଳି ଖଞ୍ଜି ଦେଇଛୁ
ବାହାର ଦୋଳିରେ ଇନଫେକ୍ସନ ହେବ ବୋଲି
ନିଜେ ନିଜ ଘରେ ଦୋଳି ଖେଳୁଛୁ
ଏବେଆମେ ଏକବିଂଶ ଶତାବ୍ଦୀରେ ରଜ ପାଳୁଛୁ ।

ନାହିଁ ଆଉ ମାଟି ଚୁଲି
ଆମେ ଆଉ ଆରିସା, କାକରା କରୁନୁ
ପୋଡପିଠା ପୋଡୁନୁ
ଛେନାଗାଇଁଠା ଗଢୁନୁ
ପିଠା ଖାଇଲେ ଗ୍ୟାଷ୍ଟିକ ହେବ ବୋଲି
ଏବେ ସ୍ୱାଗୀ, ଜୋମାଟୋରୁ
ପିଠା ବଦଳରେ ପିଜା ଅର୍ଡର କରୁଛୁ
ଏବେଆମେ ଏକବିଂଶ ଶତାବ୍ଦୀରେ ରଜ ପାଳୁଛୁ ।

ଆମ ପାଦରେ ଆଉ ଶୋଭା ପାଏନି
ଅଳତାର ଧାର କିମ୍ବା କଦଳୀପଟୁର ବିଧି
ଆମକୁ ଟିପିଟିପି ଚନ୍ଦନରେ ସଜେଇବାକୁ
ନାହାନ୍ତି ଆମର ବଉଳ, ମକର, ସଙ୍ଗାତୁଣୀ ।
ହାଇ ହିଲ୍‌ର ଯୁଗରେ
ସବୁକିଛିକୁ ପାଦତଳେ ଚାପିଦେଇ
ଆମେ ଏବେ ସହରରେ ରହୁଛୁ
ଚିହ୍ନାକୁ ଅଚିହ୍ନା କରି
ଆପଣାରକୁ ସାତପର କରିଦେଇଛୁ
ଏବେଆମେ ଏକବିଂଶ ଶତାବ୍ଦୀରେ ରଜ ପାଳୁଛୁ ।

+ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୬୩୭୧୬୩୬୧୬୩



ପଦ୍ମାଳୟା ସାମଲ

# ଅବସର





ସ୍ୱାମୀଙ୍କୁ ଚା 'ଦେବାବେଳେ ଅଙ୍କିତା କହିଲେ, "ଶୁଣ, ଦିଦିଙ୍କର ଫୋନ ଆସିଥିଲା । ପ୍ରଦୀପ ଭାଇଙ୍କର ଅବସର ନେବାକୁ ଆଉ ମାତ୍ର ସାତମାସ ବାକି ରହିଲା । ଏପର୍ଯ୍ୟନ୍ତ ଘର ଖଣ୍ଡେ କିଣି ନାହାନ୍ତି କି ପ୍ଲଟ ଗୋଟେ ପକେଇ ନାହାନ୍ତି । ଚାରି ଚାରିଟା ପିଲାଙ୍କୁ ପାଠ ପଢ଼େଇ ଦୁଇ ଝିଅଙ୍କୁ ବାହାଘର କରିବା ଭିତରେ ସେ ଘର କଥା ଆଦୌ ଭାବି ନାହାନ୍ତି । ନିଜକୁ ବୁଦ୍ଧିମାନ ଭାବୁଥିବା ଦିଦି କେତେ ମୂର୍ଖାମୀ କରିଛନ୍ତି କହିଲ ।"

ପ୍ରଦୀପ ଭାଇ ଅବସର ନେବା ପରେ କେଉଁଠାରେ ରହିବେ, ଏଭଳି ଏକ ପ୍ରଶ୍ନରେ ସୁନୀଲ ସାମାନ୍ୟ ବିଚଳିତ ନହୋଇ ଚା ପିଇବାରେ ମନ ଦେଲେ କାହିଁକିନା ସେ ଜାଣିଛନ୍ତି ପୁଅ ଦୁଇଜଣ ତାଙ୍କର ଭଲ ଚାକିରି ପାଇ ଏବେ କାର୍ଯ୍ୟରତ ଏବଂ ଝିଅ ଦୁଇଜଣଙ୍କ ବାହାଘର ଭଳି ଗୁରୁ ଦାୟିତ୍ୱ ସେ ଚାକିରିରେ ଥିବା ସମୟରେ ତୁଲାଇ ଦେଇଛନ୍ତି । ତାଙ୍କ ଗାଁରେ ଜମିବାଡ଼ି ଘରଦ୍ୱାର ସବୁ ଅଛି । ଓଲଟି ଅଙ୍କିତାକୁ ଚେତେଇଦେଲେ ତାଙ୍କ ନିଜର ଅବସର ଆଉ ମାତ୍ର ଦୁଇବର୍ଷ ରହିଲା ।

ଅଙ୍କିତାକୁ ଏକ ଶକ୍ତ ଆଘାତ ଲାଗିଲା । ସୁନୀଲ ଦୁଇବର୍ଷ ପରେ ଘରେ ବସି ରହିବେ ଏ କଥାକୁ କୌଣସି ପ୍ରକାରରେ ବିଶ୍ୱାସ କରିପାରିଲେନି ସେ । ସୁନୀଲଙ୍କ ପରି ଜଣେ ଚଳଚଞ୍ଚଳ ବ୍ୟକ୍ତି କିପରି ଘରେ ବସିପାରିବେ ? ଏପରି କର୍ମ ନିପୁଣ ବ୍ୟକ୍ତି ଘରେ ବସି ରହିଲେ ନିଜେ ଟେନସନରେ ରହିବା ସହିତ କାହାକୁବି ଶାନ୍ତିରେ ରହିବାକୁ ଦେବେନି ଭାବି ଅଙ୍କିତା ରୋଷେଇ ଘରକୁ ଚାଲିଗଲେ । ରୋଷେଇ ଘରକୁ ସିନା ଚାଲିଆସିଲେ ହେଲେ ଅବସର ଭୂତଟା ତାଙ୍କ ମୁଣ୍ଡ ଭିତରେ ପଶିଯାଇଥିଲା । ରୋଷେଇ କରୁଥିବା ପିଲାଟିକୁ ହଟେଇ ନିଜେ ରୋଷେଇ କରିବାକୁ ଲାଗିଲେ । ସେ ଭାବିବାକୁ ଲାଗିଲେ, ଯାହାବି ହେଉ ଭୁବନେଶ୍ୱରର ଛାତି ଉପରେ ମିଳିଥିବା ଏତେ ବଡ଼ କ୍ୱାଟରର୍ସ ତାଙ୍କୁ ଛାଡିବାକୁ ପଡିବ । ସେତେବେଳେ ତାଙ୍କ ପାଖରେ ଆଉ ଏ କ୍ୱାଟରର୍ସ ଥିବ ନା ସରଭ୍ୟାଣ୍ଟ କ୍ୱାଟର ନା ଗ୍ୟାରେଜ । ସବୁ ଚାକର ବାକର ତାଙ୍କୁ ଛାଡି ପଳେଇବେ । ଏବେଠାରୁ ଧୀରେ ଧୀରେ ଘରର ପ୍ରତ୍ୟେକ କାର୍ଯ୍ୟ ନିଜେ କରିବାକୁ ଅଭ୍ୟାସ କରିବେ ବୋଲି ଭାବି ନେଲେ ।

ସୁନୀଲ ଏବେ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ । ମାସକୁ ତାଙ୍କର ବହୁତ ଆୟ । ରାଜଧାନୀରେ ରହିବାକୁ ସରକାରଙ୍କଠାରୁ ଏହି ବଙ୍ଗଳା ପାଇଛନ୍ତି । ଦୁଇପୁଅ ଇଞ୍ଜିନିଅରିଂ ପଢୁଛନ୍ତି । କେହି କୂଳରେ ଲାଗି ନାହାନ୍ତି । ଜମି ଖଣ୍ଡେ ଭୁବନେଶ୍ୱରରେ କିଣିଛନ୍ତି, କିନ୍ତୁ କାର୍ଯ୍ୟ ବ୍ୟସ୍ତତା ପାଇଁ ଘର କରି ନାହାନ୍ତି । ସୁନୀଲବାବୁ ସେମିତି ପାରିବାର ବ୍ୟକ୍ତି ନୁହନ୍ତି । ପାଖ କ୍ୱାଟର୍ସରେ ରହୁଥିବା ପଦାଧିକାରୀମାନେ କେତେ କଣ କରି ଗଲେଣି । ତାଙ୍କ ପତ୍ନୀମାନେ କ୍ଲବ, ମିଟିଙ୍ଗ, କିଟି ପାର୍ଟିରେ ସମୟ ବିତାଉଥିବାବେଳେ ଅଙ୍କିତା ମାଳି ସହିତ ମିଶି ବଗିଚା କାମରେ ବ୍ୟସ୍ତ ରୁହନ୍ତି । କହିବାକୁ ଗଲେ ପିଲା ଦୁଇଜଣ ଘର ଛାଡିବା ପରଠୁ କ୍ୱାଟର୍ସର ସାମ୍ନାରେ ଥିବା ବଗିଚାରେ ଲାଗିଥିବା ପରିବା ଆଉ ବିଭିନ୍ନ ରଙ୍ଗର ଫୁଟିଲା ଫୁଲ ଅଙ୍କିତାଙ୍କ ଜୀବନରେ ଖୁସିର ରଙ୍ଗ ଭରିଦେଉଥିଲା ।

ରାତ୍ରୀ ଭୋଜନ ଟେବୁଲ ଉପରେ ସଜା ଯାଇଥିଲା । ସୁନୀଲ ଟିଭିରେ କମେଡି ସୋ ଦେଖି ଖୁସି ହେଉଥିଲେ । ଅଙ୍କିତା ସ୍ୱାମୀଙ୍କ ମୁହଁକୁ ଚାହିଁ ଭାବୁଥିଲେ ଭାଗ୍ୟକୁ ଏମିତି ପ୍ରକୃତିର ମଣିଷ ପାଇଛନ୍ତି ସେ । ଘରର କିଛି ଚିନ୍ତା ନାହିଁ ତାଙ୍କର । ଚାହୁଁ ଚାହୁଁ ଦୁଇବର୍ଷ କଟିଯିବ । ଭବିଷ୍ୟତ ବିଷୟରେ କିଛି ଯୋଜନା ନାହିଁ । ଆମର ପିଲା ଦୁଇଜଣଙ୍କ ଭିତରୁ କେହି ଜଣେ ହେଲେ କୂଳରେ ଲାଗି ନାହାନ୍ତି । କେମିତି ଚିନ୍ତା ଶୂନ୍ୟ ହୋଇ ବଞ୍ଚି ପାରୁଛନ୍ତି ସୁନୀଲ !

ବିବାହ ପରେ ଅଙ୍କିତା କଳ୍ପନାର ମୋତିକୁ ଦେଇ ସ୍ୱପ୍ନ ଜଗତକୁ ସଜାଇଥିଲେ । ଦୁଇପୁଅ ଭଲ ଚାକିରି କରିବେ । ଉଭୟଙ୍କର ନିଜସ୍ୱ ଗାଡି, ବଙ୍ଗଳା ରହିବ । ପୁଅମାନେ ରୋଜଗାର କରିବା ଆରମ୍ଭ କଲେ ମନ ପସନ୍ଦର ଜିନିଷ କିଣିବି, ମନ ଡାକୁଥିବା ଜାଗାକୁ ବୁଲିବାକୁ ଯିବି ଏମିତି କେତେ କଣ । ଅଙ୍କିତା ହଠାତ୍ ଅନୁଭବ କଲେ ଯେପରି ସବୁ ସ୍ୱପ୍ନ ତାଙ୍କର ଚୁରମାର ହୋଇଯାଇଛି । ଅନୁଭବ କରୁଥିଲେ ଜୀବନ ଏକ ବିରାଟ ଶୂନ୍ୟତା । ପ୍ରକୃତିସ୍ଥ ହେଲାପରେ ଦେଖିଲେ ସୁନୀଲ ରାତ୍ରୀ ଭୋଜନ ଖାଇ ଅଚିନ୍ତା ନିଦରେ ଶୋଇଛନ୍ତି । କଣ ଟିକେ ଖାଇନେଇ ଅଙ୍କିତା ଶୋଇବାକୁ ଆସିଲେ । ହେଲେ ତାଙ୍କ ଆଖିରେ ନିଦ ନଥିଲା । ପ୍ରତିଦିନ ସରକାରୀ ନିୟମ ଅନୁସାରେ ନିର୍ଦ୍ଧାରିତ ବୟସ ହେଲେ ଲୋକମାନେ ଚାକିରିରୁ ଅବସର ନେଉଛନ୍ତି । ଏହା କେଉଁ ନୂଆ କଥା ନୁହେଁ । ଏଥିରେ ଏତେ ବିବ୍ରତ ହେବାର କ'ଣ ଅଛି !

ପରଦିନ ସକାଳୁ ଅଙ୍କିତା ସୁନୀଲ ଉଠିବା ପୂର୍ବରୁ ଉଠିଲେ । ସୁନୀଲ ପ୍ରାତଃଭ୍ରମଣରୁ ଫେରିବା ବେଳକୁ ଦେଖିଲେ ଅଙ୍କିତା ଏକ ଟ୍ରେରେ ଚା ଧରି ଆସିଲେ । ସୁନୀଲ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ତୁମେ କାହିଁକି ଚା ଆଣିଲ ? ଗୋବିନ୍ଦ ନାହିଁ କି ? "ଏହିଭଳି ଛୋଟ ଛୋଟ ଘର କାମ କରିନେଲେ ଅସୁବିଧା କ'ଣ ?" ଅଙ୍କିତାଙ୍କ ସଂକ୍ଷିପ୍ତ ଉତ୍ତର ଥିଲା ।

ସେଦିନ ଅଙ୍କିତା ନିଜ ହାତରେ ରୋଷେଇ କରି ସୁନୀଲଙ୍କୁ ଖାଇବାକୁ ବାଢ଼ିଦେଲେ । ସୁନୀଲ ଜଳଖିଆ ଖାଇ ଅଫିସକୁ ଚାଲିଗଲେ । ଅଙ୍କିତା ନିଜେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ଲାଗି ପଡିଲେ । ପରିବା କାଟୁ କାଟୁ ହାତ କଟିଗଲା । ତଥାପି ସେ ଭୋଜନ ପ୍ରସ୍ତୁତିରେ ଲାଗି ପଡିଲେ । ସୁନୀଲ ଘରକୁ ଫେରି ଦେଖିଲେ ଅଙ୍କିତା ପରିବା ବ୍ୟାଗ ଧରି ଅଟୋରୁ ଓହ୍ଲାଉଛନ୍ତି । ସୁନୀଲ ବିରକ୍ତ ହୋଇ କହିଲେ, "ଯଦି ତୁମର ମାର୍କେଟକୁ ଯିବାର ଥିଲା ମତେ କହିଥିଲେ ମୁଁ କାର ପଠାଇ ଦେଇଥାନ୍ତି ।" ଅଙ୍କିତା ଧୀର ସ୍ୱରରେ କହିଲେ, ଏବେଠାରୁ ଏସବୁ କାମରେ ଟିକିଏ ଅଭ୍ୟସ୍ତ ହେବା ଭଲ । ଆଗକୁ ତୁମେ ଅବସର ନେବ ଯେ ! ଆଉ ଦୁଇବର୍ଷ ପରେ ତୁମେ ଅବସର ନେବ । ଏସବୁ କାମରେ ଅଭ୍ୟାସ ଥିଲେ ମତେ ଆଗକୁ ହଇରାଣ ହେବାକୁ ପଡିବ ନାହିଁ । ଭାବିଥିଲେ ସୁନୀଲ କିଛି ସହାନୁଭୂତି ଦେଖାଇବେ । କିନ୍ତୁ ସୁନୀଲ ବିରକ୍ତ ହୋଇ ସେଠାରୁ ଚାଲିଗଲେ ।

ଛୁଟିରେ ଆସିଥିବା ବଡ଼ପୁଅ ରୋହନ ହଠାତ୍ ଜାଣିବାକୁ ପାଇଲା ଆସିଷ୍ଟାଣ୍ଟ ଇଞ୍ଜିନିୟର ଚାକିରି ପାଇଁ ସେ ମନୋନୀତ ହୋଇଛି । ଅଙ୍କିତା ପୁଅଠାରୁ ଖୁସି ଖବର ଶୁଣି ଖୁସିରେ ନାଚି ଉଠିଲେ । ଏତେ ଖୁସି ହୋଇଗଲେ ଯେ ସ୍ୱାମୀଙ୍କର ଅବସର ନେବା କଥାଟି ମନରୁ ପାସୋରି ଦେଲେ । ଖୁସି ହୋଇ ନିଜ ହାତରେ କେକ୍ ପ୍ରସ୍ତୁତ କଲେ ଆଉ ସୁନୀଲଙ୍କର ଅଫିସ ଫେରିବା ବାଟକୁ ଚାହିଁ ରହିଲେ । ସନ୍ଧ୍ୟାରେ ସୁନୀଲ ଅଫିସରୁ ଫେରିବା ପରେ ମାଆ ପୁଅଙ୍କ ହସ ହସ ମୁହଁ ଦେଖି ଖୁସିର କାରଣ ଜାଣିବାକୁ ଚାହିଁଲେ । ପୁଅ ରୋହନ ଖୁସି ଖବର ଜଣାଇବା ପରେ ସୁନୀଲ ଖୁସିରେ ସପରିବାରେ ହୋଟେଲରେ ରାତ୍ରୀଭୋଜନ କରିବା ପାଇଁ ଜଣେଇଦେଲେ ।

ହୋଟେଲର ଡାଇନିଂ ଟେବୁଲରେ ବସି ଷ୍ଟାଟର ପାଇଁ ବରାଦ ଦେଲେ ସୁନୀଲ । ଅଙ୍କିତାକୁ ଚାହିଁ କହିଲେ, "ତୁମେ ଶିକ୍ଷିତ ଏବଂ ବୁଦ୍ଧିମତୀ । ମତେ ଗୋଟେ କଥା କୁହ । ଜୀବନର କିଛି ସତ୍ୟ ଏତେ ତିକ୍ତ ଯେ ଏହାକୁ ସାମ୍ନା କରିବାକୁ ପଡେ । ଯେମିତି ଯୌବନ ସହିତ ବୃଦ୍ଧାବସ୍ଥା, ଜନ୍ମ ପରେ ମୃତ୍ୟୁ । ସେମିତି ଚାକିରି କରିଥିବା ଲୋକମାନେ ଅବସର ନେବା ଧ୍ରୁବ ସତ୍ୟ । ତେଣୁ ଏହା ଏକ ଛୋଟ କଥା । ସେସବୁ ଭାବି ମନକୁ ଭାରାକ୍ରାନ୍ତ କରନାହିଁ । ଦେଖ ! ଆମ ରୋହନ ଆଜି ଚାକିରି ପାଇଁ ମନୋନୀତ ହୋଇଛି । କେତେ ଖୁସିର କଥା । ସେ ବି ଦିନେ ତା 'ଚାକିରିରୁ ଅବସର ନେବ ।

ସେତେବେଳକୁ ଅଙ୍କିତା ଭିତରୁ ଶାନ୍ତ ହୋଇଯାଇଥିଲେ । ଜୀବନର ସତ୍ୟକୁ ସେ ବୁଝିଯାଇଥିଲେ ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

ପ୍ରଫୁଲ୍ଲ ବାରିକ

# ବେଙ୍ଗବାଇଦ





ଖରାଦିନ ଥାଏ । ସକାଳୁଆ ଅଫିସ । ଆଡିସନାଲ ତହସିଲଦାର ସୁମନ ମହାପାତ୍ର ଠିକ ବାରଟାକୁ ବାହାରିଲେ କ୍ୱାର୍ଟରକୁ । ନୂଆ ଚାକିରୀକୁ ନୂଆ ସଂସାର । ଅନୁଭୂତି ନୂଆ ନୂଆ ।

ଘରେ ପହଂଚୁ ପହଂଚୁ ବାରନ୍ଦାରୁ ଶୁଣିଲେ ପିଲାଟା କାନ୍ଦୁଛି ରାହାଧରି । ସ୍ନିଗ୍ଧା ଶୁଣିପାରୁ ନାହାନ୍ତିକି ? ପିଲାଟାକୁ ତୁନି କରୁନାହାନ୍ତି କାହିଁକି ? ସୁମନ ଆସି ଯାହା ଦେଖିଲେ ସ୍ତମ୍ଭିଭୂତ ହେଲେ । ସ୍ନିଗ୍ଧା ବସିଛି ପ୍ରତିକ୍ରୀୟାହୀନ ଚୁପଚାପ । କ୍ରୋଧରେ ମୁହଁ ଲାଲ । ସୁମନ ପଚାରିଲେ, କ'ଣ ହେଇଚି ? ପୁଅ କାନ୍ଦୁଛି କାହିଁକି ? ଆଉ ତମେ ବସି ଶୁଣୁଚ ସ୍ଥିରହେଇ ? କଥା କ'ଣ ? ସ୍ନିଗ୍ଧା କହିଲା, ତମ ପୁଅକୁ ସମାଳ ତମେ । ମୁଁ ଥକିଗଲିଣି । ଆଉ ପାରୁନି । ତମେ ଯିବାବେଳୁ କାନ୍ଦୁଚିଯେ କାନ୍ଦୁଛି । ବନ୍ଦ ହେବାର ନାଁ ଧରୁନି । ମୁଁ ଥକି ପଡିଲିଣି । ସୁମନ କହିଲେ, ଓ ଏଇକଥା । ଦେଖ ଗୋଟେ ମିନିଟରେ ମୁଁ କିମିତି ଚୁପ କରେଇ ଦେଉଛି । କହି ଥାକ ଉପରେ ଥୁଆ ଯାଇଥିବା ବେଙ୍ଗବାଇଦକୁ ଆଣି ଦି'ଥର ଘୁରେଇ ଦେଲେ ପୁଅ ମୁହଁ ପାଖରେ । କଟର କଟର ଶବ୍ଦ ଶୁଣି ପୁଅକାନ୍ଦ ଠପ । ଓଲଟି ସିଏ ବୁଲି ଚାହିଁଲା ଶବ୍ଦ କରୁଥିବା ଜିନିଷଟିକୁ । ସ୍ନିଗ୍ଧା ହାଲକା ହେଇ କହିଲା ବାପ ଯିମିତି ପୁଅ ତଦ୍ରୁପ । ସମସ୍ତେ ବେଙ୍ଗ ବାଇଦ ପ୍ରେମରେ ।

ପୁଅ ତୁନିପଡିବା ପରେ ସୁମନ ପଚାରିଲା ସ୍ନିଗ୍ଧାକୁ ରୋଷେଇ ସରିଛି ? ସ୍ନିଗ୍ଧା କହିଲା, ଛେନାଟା ହେଇଚି । ଇଏ ତୁନି ହେଲେତ କରିବି । ଭାତ ଖାଲି ହେଇଚି । ଆଉ କିଛି ହେଇନି । ତମେ ଏଇଠି ବସି ବେଙ୍ଗ ବାଇଦ ବଜାଉ ଥାଅ । ମୁଁ ଯାଇ ତରକାରୀ କରୁଛି । ସୁମନ ହଲେଇବାରେ ଲାଗିଲେ ବେଙ୍ଗ ବାଇଦକୁ ପୁଅ ମୁହଁ ଆଗରେ । ପିଲା ଚୁପ । ଓଲଟି ଅନେଇ ରହିଥାଏ ଏକ ଲୟରେ ଜିନିଷଟିକୁ ।

ରାନ୍ଧିସାରି ସ୍ନିଗ୍ଧା ଆସିଲା । ସ୍ନିଗ୍ଧାକୁ ଟିକେ ସ୍ୱାଭାବିକ ହେବାର ଦେଖି ସୁମନ କହିଲା, ତମେ ପସନ୍ଦ କରୁନଥିଲନା ଏ ବେଙ୍ଗ ବାଇଦକୁ । ଦେଖିଲ ଯାର କରାମତିକୁ ? ସ୍ନିଗ୍ଧା ନିରୁତ୍ତର ରହିଲା ।

ଦି'ମାସ ତଳେ ଯାଇଥିଲେ ମେଳାବୁଲି । ମେଳାରେ କିଛି ଘରସଜ କିଣୁଥିବା ବେଳେ ସ୍ନିଗ୍ଧା, ସୁମନ ଯାଇ ଖେଳନା ଦୋକାନରେ । ଗଲେତ ଗଲେ ଯାଇ କ'ଣ ଗୋଟେ ଧରି ବୁଲେଇ କଟର କଟର କରୁଛନ୍ତି ପିଲାଙ୍କ ଭଳି । ଜଣେ ଆଡିସନାଲଙ୍କୁ ଲୋକ ଦେଖିଲେ କ'ଣ ଭାବିବେ ? ମେଳାରେ ଲୋକଙ୍କ ଅଭାବ ନାହିଁ । ସ୍ନିଗ୍ଧାକୁ ସରମ ଲାଗିଲା । ଝପଟିକି ଆସି ଛଡେଇନେଇ ହାତରୁ କହିଲା କ'ଣ ଛୁଆ ହେଇଚ ? ସରମ ଲାଗୁନି ତମକୁ ? ଲୋକ ଭାବୁଥିବେ କ'ଣ ? ତମେ ଅଫିସରଟି ?

--- ଏଥିରେ ଭାବିବାର କ'ଣ ଅଛି ? ପିଲାଦିନ ମୋର ମନେ ପଡିଗଲା । ଏଇ ଖେଳନାରେ ମୁଁ କେତେ ଖେଳିଛି । ଯୋଉ ମେଳାକୁ ଯାଏ ବେଙ୍ଗ ବାଇଦ ମୁଁ ଆଣିବି ଇ ଆଣିବି । ଦୋକାନରେ ହଜାର ଖେଳନାରେ ମୋ ମନ ଭଳେନା ବେଙ୍ଗ ବାଇଦକୁ ଛାଡି । ଏହାର ଶବ୍ଦ ମୋତେ ଖୁବ ଭଲଲାଗେ । ଅନ୍ୟୂନ ଯୋଡ଼େ ମୁଁ କିଣିକି ଆଣିବି । ଗୋଟେ ଭାଙ୍ଗିଗଲେ ଆରଟା । ସବୁଦିନ ଯେ ମିଳେନା ମେଳାକୁ ଛାଡି । ସାଙ୍ଗରେ ନେଇଯାଏ ସ୍କୁଲକୁ । ବାଟରେ ବଜେଇ ବଜେଇ ଯାଏ ଓ ଆସେ । କଥା ପହଞ୍ଚିଲା ସାରଙ୍କ ପାଖରେ । ମୋ ବ୍ୟାଗ ଚେକ ହେବାରୁ ବାହାରିଲା ବେଙ୍ଗ ବାଇଦ । ଅଳ୍ପ ଟିକେ ଗାଳି ଖାଇଲି । ବେଶୀ ନୁହେଁ । ଅଭ୍ୟାସ କିନ୍ତୁ ରହିଲା ଅତୁଟ । ଇମିତି ଇମିତି ହାଇସ୍କୁଲ ଯିବାଯାକେ ବେଙ୍ଗ ବାଇଦ ସହ ସାଥି ମୋର । ହାଇସ୍କୁଲରେ ଛାଡିଗଲା ଛାଁ'କୁ ନିସା । ସେବେଠୁ, ସୁଯୋଗକ୍ରମେ ମେଳାଗଲେ ଖୋଜେ ମୋ ପ୍ରିୟ ଜିନିଷଟିକୁ । ପାଏନା । ଆଜିକାଲିର ଭଳିକି ଭଳି ଖେଳନା ଭିତରେ ସେ ହରେଇ ସାରିଛି ଆତ୍ମସତ୍ତା ବୋଲି ଭାବେ । ସରାଗ ତୁଟେନା କିନ୍ତୁ ବେଙ୍ଗ ବାଇଦରୁ । ଆଜି ସୌଭାଗ୍ୟରୁ ମିଳିଗଲା । ଧରି ତାଳେ ବଜଉଥିଲି । ଏଥିରେ ଭାବିବାର କ'ଣ ଅଛି ? ସ୍ନିଗ୍ଧାର ବିରକ୍ତି ସତ୍ୱେ ସେଥିରୁ ଗୋଟେ କିଣି ପକେଟରେ ପକେଇଲେ । ଆଣି ସେବେଠୁ ରଖିଛନ୍ତି ଘର ଥାକରେ ଦାମୀ ଚିଜଟିଏ ପରି । ଆଉ ଆଜି ଦେଖ । ପିଲାଟା ସକାଳୁ କାନ୍ଦୁଥିଲା । କିମିତି ବନ୍ଦ ହେଇଗଲା ମିନିଟିଏରେ ବେଙ୍ଗ ବାଇଦ ଶୁଣି । ସ୍ନିଗ୍ଧା ଟିକେ ମୁରୁକି ହସିଲା । କହିଲା ଯେମନ ବାପ, ତେମନ ପୁଅ । ଶୁଣ, ଇଏ ଆଜି ନାହିଁତ କାଲିକୁ ଭାଙ୍ଗିବ । ଆଉ ଗୋଟିଏ କି ଯୋଡ଼େ ଆଣି ରଖିଥାଅ । କାମରେ ଲାଗିବ । ସୁମନ ମୁରୁକି ହସି କହିଲା ଲୋକେ ଭାବିବେନି ଆଡିସିନାଲଙ୍କ ପୁଅ ଖେଳୁଛି ବେଙ୍ଗ ବାଇଦରେ ?

--- ଛାଡ଼ମ, କାହା ଭାବିବାରୁ ଆମକୁ ମିଳିବ କ'ଣ । ଆମର ଯାହା ଆବଶ୍ୟକ ଆମେ ସେଇଆ କରିବୁ ।

ଏଥର ମନଖୋଲା ହସଟିଏ ହସି ସୁମନ କହିଲା, ଏଥର ଆସିଲ ବାଟକୁ । ଦୁନିଆଁରେ ସମସ୍ତଙ୍କ କଥାକୁ କାନ ଦିଆଯାଏନା । ନିଜର ଯାହା ପ୍ରିୟ ତାହା କରା ଯାଏ । ସ୍ନିଗ୍ଧା କହିଲା ତମେ ଡ୍ରେସ ବଦଳାଅ । ମୁଁ ବାଢ଼ୁଛି ।

ସୁମନ ଖାଇବାକୁ ବାହାରିବାରୁ ସ୍ନିଗ୍ଧା କହିଲା, ଯିବା ପର୍ବରୁ ମୋତେ ସେଇଟା ବଜେଇବା ଶିଖେଇ ଦେଇ ଯାଅ । ସୁମନ ହସି କହିଲା, ଏଇଟା ଗୋଟେ କାମ ? ବିଞ୍ଚଣା ଭଳି ବୁଲେଇବ । ସିଏ ଛାଁ'କୁ ବାଜିବ ।

ସୁମନ ଖାଇବା ବେଳେ ଶୁଣୁଥାଏ ବେଙ୍ଗ ବାଇଦର ଶବ୍ଦ । ରହି ରହି ବାଜିବାର ।

+ଚନ୍ଦନବିନ୍ଧା, ଚନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

ତ୍ରିନାଥ ନନ୍ଦୀ

# ସହରୀ ଟୋକା



ଦ୍ୱିପହରିଆ ଖରାରେ ସେଦିନ ମାଟିକୁ ଅଗ୍ନି ସବୁ ଯେମିତି ସମ୍ପର୍କର ସେତୁ ନିର୍ମାଣ କରିଦେଇଛି । ଗାଁର ପୋଖରୀ ପାଖରେ ଥିବା ବଡ଼ ବଟଗଛ ତଳେ କେତେଜଣ ଲାଲ୍ ପାଟ ଶାଢ଼ୀ ପିନ୍ଧି ଓଢଣି ଟାଣି ଗପସପ ହେଉଥାନ୍ତି । ଆଉ କିଛି ଜଣ ବିବାହିତ ନାରୀ ସେଇ ବରଗଛ ମୂଳକୁ ଆଉଜି ରହି, ଧୂପର ଗନ୍ଧ, ଆମ୍ବ ନଡ଼ିଆ କଦଳୀର ସୁଗନ୍ଧ ଓ ଶଙ୍ଖଧ୍ୱନିରେ ସାରା ପରିବେଶକୁ ଏକରକମର ପବିତ୍ରତାରେ ଭରିଦେଇଥିଲେ । ହାତରେ ପୂଜା ଥାଳି ଥିଲା, କିନ୍ତୁ ମନରେ କେତେ ଗୁଡିଏ କେଁ । ଆଖିର ପତା ଏତେ ମାତ୍ରାରେ ତିବ୍ର ଯେ ଘଣ୍ଟାଏ ହେଲାଣି ଆଖି ଆଗରୁ ଗାଁ ରାସ୍ତାର ନଜର ହଟିନାହି । ଯେପରି ସେ କାହାରି ଅପେକ୍ଷା କରିଛି । ହଁ, ସେ ଅପେକ୍ଷା କରୁଥିବ । ସତ୍ୟବାନ ଛଡ଼ା ଆଉ କିଏ ।

ଅର୍ଣ୍ଣବ ଏହି ଗାଁର ପୁଅ ନୁହେଁ, ବୋଧ ହୁଏ କ୍ୱାଇଁ । କଥାରେ ଥିଲା ଗଭୀରତା, ଚକ୍ଷୁରେ ଥିଲା ଶାନ୍ତ ସମୁଦ୍ର ପରି ସ୍ୱଚ୍ଛତା । ସେଦିନ ବର୍ଷା ପଡୁଥିଲା । ଛତା ବିନା ଭିଜୁଥିବା ପୁରୁଷକୁ ଦେଖି କିଏ ଜଣେ ନିଜ ଛତା ଟା ଆଗକୁ ବଢ଼ାଇବ ଏକଥା ଥିଲା ଏକ ଅବିଶ୍ୱସନୀୟ ଘଟଣା । ସମ୍ପର୍କର ଆରମ୍ଭ । ଖାଲି ଚଞ୍ଚଳତା । ଏକ ପବିତ୍ର ନିଷ୍ଠୟ ବୋଧର ଆଶା । ଯୋଡା ମନ ଧୀରେ ଧୀରେ ଏକାପରକୁ ବିଶ୍ୱାସ କରିବା ଶିଖୁଥିଲେ ।

ସହରୀଆ ପୁଅମାନଙ୍କୁ ଭରସା କରିହେବ ନାହିଁ । ଭବିଷ୍ୟତ ନଷ୍ଟ । ସବୁ ଶୁଣି ମଧ ନିରବ । ସେ ଚକ୍ଷୁରେ କେବେ ମିଥ୍ୟା ଦେଖାଯାଇ ନାହିଁ । ସେଦିନ ସନ୍ଧ୍ୟାବେଳେ ନଦୀପଠାରେ ବସିଛି କିଏ ଜଣେ ... ? ବିସ୍ମୟ ! ହଠାତ୍ କହିଲେ, "ମୁଁ ତୁମକୁ ଭଲପାଏ ! ମୁଁ ଚାହେଁ ତୁମକୁ ସାରାଜୀବନ ସମ୍ମାନ ଦେବାକୁ ।" ସେହି ଶବ୍ଦ କେତେ ଖଣ୍ଡ ମନରେ ଏମିତି ଗଭୀର ଛାପ ଛାଡ଼ିଥିଲା ଯେ, ସେ ରାତି ସେ ଘୁମେଇ ପାରିନଥିଲା ।

ଦିନ ପରେ ଦିନ କଟୁଥାଏ । ସେହି ସାକ୍ଷାତରେ କୌଣସି ଅତିରିକ୍ତ ଆଡ଼ମ୍ବର ନଥିଲା । କେବେ ନଦୀପାରେ ବସି ଆକାଶ ଦେଖୁଥିଲେ, କେବେ ଗାଁର ପଥରେ ଚାଲିବା ସମୟରେ ନିରବ ହସକୁ ଭାଗ କରୁଥିଲେ । ପ୍ରିୟତମା ପାଇଁ ଯେ ପ୍ରୀତିର ଅର୍ଥ ସବୁବେଳେ ହାତ ଧରି ଚାଲିବା ତାହା କାଇଁ ଠିକ୍ ଠାକ୍ ନୁହେଁ; କେବେ କେବେ ଏକାପରର ନିରବତାକୁ ବୁଝିବା ମଧ ପ୍ରେମ ।

ଘରେ ବିବାହ କଥା ! ଆରମ୍ଭ ହେଲା । ତାର ବାପା ଏକାନ୍ତ ଚିନ୍ତାଧାରା ସେ ଜଣେ ଖ୍ୟାତି ସମ୍ପନ୍ନ ପରିବାରରେ ବିବାହ କରୁ । କିଛି ଶବ୍ଦର ତରଙ୍ଗରେ ବାପାଙ୍କର ହଠାତ୍ ବହୁତ ରାଗିଗଲେ । "ଜଣେ ମାଷ୍ଟର କେତେ ଦିନ ତୁମକୁ ସୁଖ ଦେଇପାରିବ ?" ସତରେ .... ସୁଖ କ'ଣ କେବଳ ଧନରେ ମିଳେ ? ଯେଉଁ ମଣିଷ ମନକୁ ସମ୍ମାନ ଦେଇପାରେ, ତାଠାରୁ ବଡ଼ ଧନ କଣ ଅଛି ? ସାହାନାଇର ଶବ୍ଦରେ ହଠାତ୍ ସବୁ ଚଳଚଞ୍ଚଳ ଓ ଅସ୍ଥିର ।

ଅର୍ଣ୍ଣବଙ୍କ ମା' ଅସୁସ୍ଥ । ତାଙ୍କୁ ସହରକୁ ନେଇଯିବାକୁ ହବ । ସନ୍ଧ୍ୟାର ଅନ୍ଧକାର ଯେମିତି ଆକାଶରୁ ମାଡ଼ି ଆସୁଥିଲା । ବଟଗଛ ତଳେ ବାସ୍ ଏତିକି କଥା , "ମୁଁ ଫେରିଆସିବି । ତୁମକୁ ଛାଡ଼ି ମୋ ଜୀବନ ଅଧୂରା ।" ଅନନ୍ୟା ନିରବ । ନିଜ ହାତରୁ ଲାଲ୍ ସୂତା ଖୋଲି ତାଙ୍କ ହାତରେ ବାନ୍ଧିଦେଇଥିଲା, କାଇଁ କେଜାଣି ଏଇ ସମୟରେ ଆଖି ଭିଜିଯାଇଥିଲା ।

ଅର୍ଣ୍ଣବଙ୍କ ଚିଠି । ସହରର ଭିଡ଼, ହସ୍ପିଟାଲର ଗନ୍ଧ, ମା'ର ଅସୁସ୍ଥତା ଓ ଅନନ୍ୟାକୁ ନେଇ ତାଙ୍କ ଚିନ୍ତା ଅନେକ ଚିନ୍ତା । ପ୍ରତ୍ୟେକ ସପ୍ତାହର ଚିଠିକୁ ନିଜ ଆଲମାରିରେ ସଂଗ୍ରହ କରି ରଖିବାଟା ଗୋଟାଏ ଅଭ୍ୟାସ । ଚିଠି ପଢ଼ିବା ସମୟରେ ଅନୁପସ୍ଥିତିର ସ୍ୱର ଶୁଣିପାରୁଥିଲା । କିନ୍ତୁ ଧୀରେ ଧୀରେ ଚିଠିର ଆସିବା କମିଗଲା । ଦିନେ ଚିଠି ସମ୍ପୂର୍ଣ୍ଣ ବନ୍ଦ, ଭୟ ଜନ୍ମନେଲା ।

ସାବିତ୍ରୀ ବ୍ରତ, ପ୍ରଥମଥର ପାଇଁ ପ୍ରଥମ ନିଷ୍ପତ୍ତି । ଆଶ୍ଚର୍ଯ୍ୟ କିଏ ଜଣେ ବେଶ୍ କୌତୁହଳ ହୋଇ ପଚାରିଲେ, "ଏଯାଏଁ ବିବାହ ହୋଇନି, ତୁ ସାବିତ୍ରୀ ବ୍ରତ କାହିଁକି କରୁଛୁ ?", "ସବୁ ସମ୍ପର୍କ ସିନ୍ଦୂରରେ ନୁହେଁ, କେତେକ ସମ୍ପର୍କ ଆତ୍ମାରେ ଗଢ଼ିଉଠେ ।"

ସକାଳୁଠାରୁ ଉପବାସ । ବଟଗଛ ପାଖରେ ଦୀପ ଜଳାଇ ସାବିତ୍ରୀ ସତ୍ୟବାନ କଥା ଶୁଣିବା ଗୋଟିଏ ସିନେମା ପରି ଲାଗେ ଏ ନବ ପଢିଙ୍କୁ । ସତ୍ୟବାନଙ୍କ ପାଇଁ ସାବିତ୍ରୀଙ୍କ ଅଦମ୍ୟ ସଂଘର୍ଷ ତାର ମନକୁ ଗଭୀର ଭାବରେ ଛୁଇଁଯାଉଥିଲା । ଯଦି ପ୍ରେମ ସତ୍ୟ ହୁଏ, ତେବେ ସେ କେବଳ ମିଳନରେ ନୁହେଁ, ଅପେକ୍ଷାରେ ମଧ ବଞ୍ଚିପାରେ । ବ୍ରତ ଭାଙ୍ଗିବା ପୂର୍ବରୁ ପ୍ରଥମ ପୁଲକର ପ୍ରାର୍ଥନା "ସେ ଯେଉଁଠି ଥାଉ, ସୁସ୍ଥ ଥାଉ ।"

ଖବର କାଗଜର ପ୍ରଥମ ପୃଷ୍ଠାରେ ସହରର ମୁଖ୍ୟ ରାସ୍ତାରେ ଏକ ଶିରିଜ ଦୁର୍ଘଟଣାରେ ଗୁରୁତର ଆହତ । ହସ୍ପିଟାଲରେ ସେମାନେ ଜୀବନ ସହ ଲଢୁଛନ୍ତି । ହସ୍ପିଟାଲର ଆଇସିୟୁରେ, ଔଷଧର ଗନ୍ଧ ଓ ଯନ୍ତ୍ରର ଶବ୍ଦ ମଧ୍ୟରେ ଶୋଇଥିବା ଅର୍ଣ୍ଣବଙ୍କୁ ଦେଖି ସେ ଭାଙ୍ଗିପଡ଼ିଲା । ମୁହଁ ଫିକା ପଡ଼ିଯାଇଥିଲା, ହାତରେ ସେହି ଲାଲ୍ ସୂତା ଏବେ ମଧ ଦୃଶ୍ୟମାନ ।

ଡାକ୍ତର କହିଥିଲେ ପରିସ୍ଥିତି ଗୁରୁତର । ଆଗାମୀ ଚବିଶ ଘଣ୍ଟା ବହୁତ ଜରୁରୀ । ସାରା ରାତି ଜାଗିବସିଛି । ଅର୍ଣ୍ଣବଙ୍କ ହାତ ଧରି କହୁଛି, "ତୁମେ ଫେରିଆସ । ଆମ କଥା ଏଯାଏଁ ଶେଷ ହୋଇନି ।"

ନିରବତା ଭିତରେ କ'ଣ ଗୋଟିଏ ଶବ୍ଦ ହେଲା । ଡାକ୍ତରମାନେ ଦୌଡ଼ିଆସିଲେ । ଧୀରେ ଧୀରେ ତାଙ୍କ ଆଖି ଖୋଲିଲା । ଶବ୍ଦ ହୀନ ପରିବେଶ ମଧ୍ୟରେ ଆଖି କୋଣରେ ଲୁହ ଜମିଗଲା । ମୃଦୁ ସ୍ୱରରେ ଅର୍ଣ୍ଣବର ଓଠ ତରଙ୍ଗାୟିତ ହେଲା, "ତୁମେ ଆସିବ ବୋଲି ମୁଁ ଜାଣିଥିଲି ହେଲେ... ।" ସୁସ୍ଥ ହେବାକୁ ଅନେକ ମାସ ଲାଗିଗଲା । ସେହି ସମୟରେ ଅନନ୍ୟା ତାଙ୍କ ପାଖରେ ରହିଥିଲା । ଡାକ୍ତରଙ୍କର ପରାମର୍ଶ 'ଔଷଧ ଠିକ୍ ସମୟରେ ଖାଇବ', କିଏ ଜଣେ ସୁମଧୁର କଣ୍ଠରେ କବିତା ..... ନାଁ ନାଁ କିଛି ନଥିଲା ! କୌଣସି ରୋମାଣ୍ଟିକ କଥା.... ନଥିଲା ! ଥିଲା କେବଳ ଜୀବନକୁ ଏକାଠି ଧରିରଖିବାର ଚେଷ୍ଟା ।

ଆକାଶରେ ଅସ୍ତମିତ ସୂର୍ଯ୍ୟର ଲାଲିମା ବିଛେଇ ଯାଇଥିଲା । ହଲୁକା ପବନ ବହୁଥିଲା । ଅର୍ଣ୍ଣବ ଅନନ୍ୟାଙ୍କ ହାତ ଧରି କହିଲେ, "ଜୀବନରେ ଯେତେ ଝଡ଼ ଆସୁ, ତୁମେ ମୋ ପାଖରେ ଅଛ ପରା" ଅନନ୍ୟା ଆକାଶକୁ ଚାହିଁ ହସିଦେଲା । "ସାବିତ୍ରୀ ଯେପରି ସତ୍ୟବାନଙ୍କୁ ଛାଡ଼ିନଥିଲେ, ସେପରି ମୁଁ ମଧ ତୁମକୁ କେବେ ଛାଡ଼ିବି ..... ନାଁ କେବେ ନାହିଁ " ।

ଆଜି ସନ୍ଧ୍ୟାର କେତେଖଣ୍ଡ ଆଲୋକ ବତୀର ଦୁଇଟି ଛାୟା ନଦୀଜଳରେ ଲମ୍ବା ହୋଇପଡ଼ିଥିଲା । ସମୟ ଯେପରି ସେଠାରେ ଅଟକିଯାଇଥିଲା ରାତିକ ପାଇଁ । ଶବ୍ଦ ବାହାନାରେ ସମସ୍ତେ ଟାଣି ହୋଇ ଆସୁଥାନ୍ତି ବରଗଛ ପାଖ ପଡ଼ିଆରେ ଥିବା ଅଦିନିଆ ତମ୍ବୁ ନିକଟକୁ । ହେଲେ ଏତେ ରାତିରେ ସଭିଙ୍କ ମଧ୍ୟରେ ଏତେ ଅସ୍ତବ୍ୟସ୍ତ, ଚଞ୍ଚଳତା.... କାହିଁକି ? ସେ ଦିନ ଥିଲା କ୍ୱାଇଁର ଅନନ୍ୟ ସହିତ ବାହାଘର !

+ ଜଳେଶ୍ୱର, ବାଲେଶ୍ୱର
ମୋ- ୮୧୧୮୦୪୦୩୯୦

# ୪ଟି ଚୋରି ମାମଲା : ୬ ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ

ଜୟପୁର, ୨୧/୦୬ (ନି.ପ୍ର): ଜୟପୁର ସହରରେ ୪ଟି ଚୋରି ମାମଲାରେ ଟାଉନ ପୋଲିସ ସଫଳତା ପାଇଛି । ସହରରେ ୪ଟି ଚୋରି ମାମଲାରେ ୩ ନାବାଳକ ସହ ୩ ଅଭିଯୁକ୍ତ ମୋଟ ୬ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ନେଇ ଆଜି ଜୟପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଅର୍ଚ୍ଚିତା ମିତଲ ଉପସ୍ଥିତ ରହି ସୂଚନା ଦେଇଛନ୍ତି । ଗିରଫ ତିନି ଅଭିଯୁକ୍ତ ହେଲେ ଓଡିଆ ମେଦ୍ରି ସାହିର ରିଙ୍କୁ ବାଗ (୨୦) ଓ ଗୋପବନ୍ଧୁ ନଗର ରବିନ୍ଦ୍ର ବାଘ (୩୨), ହାଟପଦାର ରଖେଲ ଖରା (୧୯) । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ୩ ଲକ୍ଷ ଟଙ୍କା ଜବତ କରିଛି ପୋଲିସ । ପୋଲିସ ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଜୟପୁର ବିକ୍ରମ ଦେବ ଛାତ୍ରାବାସରେ ଦୁର୍ବୃତମାନେ ଝରକା ଭାଙ୍ଗି ଫର୍ନିଚର ଓ ସାମଗ୍ରୀ ଚୋରି କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଏହି ମାମଲାରେ ଅଭିଯୁକ୍ତ ରିଙ୍କୁ ବାଗକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ଲୁହା ଖଟ, ପ୍ଲାଷ୍ଟିକ ଚେୟାର, ଅଟୋ ଜବତ କରିଛି । ସେହିପରି ଜୁନ ୧୬ ତାରିଖରେ ବାଙ୍କେଶ୍ୱର ମହାଦେବ ମନ୍ଦିର ଓ ଗୋପୀନାଥ ମନ୍ଦିରରୁ ଅର୍ଥ ଓ ମୁକୁଟ ଚୋରି ମାମଲାରେ ଅଭିଯୁକ୍ତ ରବିନ୍ଦ୍ର ବାଘକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ୨ ହଜାର ୩୫୦ ଟଙ୍କା ଜବତ କରିଛି । ସେହିପରି ମେ ୨୬ ତାରିଖରେ ଗାନ୍ଧୀ ଛକ ସ୍ଥିତ ଏକ ସ୍ପେୟାର ପାର୍ଟସ ଦୋକାନରେ ଚୋରି ମାମଲାରେ ୨ ଜଣ ନାବାଳକକୁ କାବୁ କରିଛି । ସେମାନଙ୍କ ଠାରୁ ୨ ହଜାର ୫ ଶହ ଟଙ୍କା ସହ ୨ ହଜାର ୩ଶହ ଟଙ୍କା ମୂଲ୍ୟର କମ୍ପାନୀ କ୍ୟାସ ଟୋକେନ ଜବତ କରିଛି । ସେହିପରି ଜୁନ ୭ ତାରିଖରେ କେନାଲ ରୋଡ ସ୍ଥିତ ଏକ ବ୍ୟବସାୟୀ ପ୍ରତିଷ୍ଠାନରୁ ୬ ଲକ୍ଷ ୮୫ ହଜାର ଟଙ୍କା ଚୋରି ମାମଲାରେ ହାଟପଦାର ରଖେଲ ଖରା ସମେତ ଜଣେ ନାବାଳକକୁ ଗିରଫ କରିଛି । ସେମାନଙ୍କ ଠାରୁ ୨ ଲକ୍ଷ ୭୫ ହଜାର ୫ ଶହ ଟଙ୍କା ଜବତ କରିଛି । ଅଭିଯୁକ୍ତ ରିଙ୍କୁ ବାଗ ନାମରେ ଜୟପୁର ଟାଉନ ଥାନାରେ ୯ଟି ଅପରାଧିକ ମାମଲା ରହିଥିବା ବେଳେ ରବିନ୍ଦ୍ର ବାଘ ନାମରେ ୭ଟି, ରଖେଲ ଖରା ନାମରେ ୩ଟି ଅପରାଧିକ ମାମଲା ରହିଛି । ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୪ ଜଣ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି । ଏହି ସାମ୍ବାଦିକ ସମ୍ମାଳନିରେ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ଚନ୍ଦ୍ର ରାଉତ, ଏସଆଇ ସିଦ୍ଧାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ

## ସୁସ୍ଥ ଜୀବନଶୈଳୀ ହିଁ ବିକଶିତ ଭାରତର ମୂଳ ଆଧାର : ବିଧାୟକ ସନ୍ତୋଷ ଖଟୁଆ




ନୀଳଗିରି, ୨୧/୦୬ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ-୨୦୨୬ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମୂହିକ ଯୋଗାଭ୍ୟାସ ଓ ଯୋଗ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା । ନୀଳଗିରି ବିଧାନସଭା କ୍ଷେତ୍ରର ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯୋଗ କେବଳ ଏକ ବ୍ୟାୟାମ ପ୍ରଣାଳୀ ନୁହେଁ, ବରଂ ଏହା ସୁସ୍ଥ ଶରୀର, ସୁସ୍ଥ ମନ ଓ ସନ୍ତୁଳିତ ଜୀବନର ଆଧାର । ନିୟମିତ ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତି କର୍ମକ୍ଷେତ୍ରରେ ଅଧିକ ସଫଳତା ହାସଲ କରିପାରିବ ଏବଂ ସୁସ୍ଥ ଜୀବନଶୈଳୀ ହିଁ ବିକଶିତ ଭାରତ ଗଠନର ମୂଳ ଉପାଦାନ ବୋଲି ସେ ମତ ପ୍ରକାଶ କରିଥିଲେ । ଯୋଗ ପାଠ୍ୟକ୍ରମ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ପ୍ରଦର୍ଶନ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ ଓ ଯତ୍ନଶୀଳ ହେବା ସହ ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ନିରୋଗ ଜୀବନ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ । ସେ ଚଳିତ ବର୍ଷର ଯୋଗ ଦିବସର ବିଷୟବସ୍ତୁ "ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ"ର ଗୁରୁତ୍ୱ ବ୍ୟାଖ୍ୟା କରି କହିଥିଲେ ଯେ, ସୁସ୍ଥ ଶରୀର, ସୁସ୍ଥ ମନ ଓ ସକାରାତ୍ମକ ଚିନ୍ତନ ପାଇଁ ଯୋଗାଭ୍ୟାସର ବିକଳ୍ପ ନାହିଁ । କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ସୁସ୍ଥ ଓ ସମୃଦ୍ଧ ଜୀବନଯାପନରେ ଯୋଗର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ମାନବ ଶରୀରରେ ଦେଖାଯାଉଥିବା ବିଭିନ୍ନ ରୋଗର ନିବାରଣ ପାଇଁ ଉପଯୋଗୀ ଯୋଗମୁଦ୍ରା ଓ ଯୋଗାଭ୍ୟାସ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ କୁକୁମିନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ବିଭାଗୀୟ ମୁଖ୍ୟମାନେ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସାମୂହିକ ଯୋଗାଭ୍ୟାସ କରିବା ସହ ପରିସର ସ୍ଥିତ ଜଳାଶୟ ଗୁଡିକ ସଫା କରିଥିଲେ । ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ଆନ୍ତର୍ଜାତିକ ଯୋଗ ଦିବସକୁ "ଯୋଗ ସଙ୍ଗମ" ଶୀର୍ଷକରେ ପାଳନ କରାଯାଇ କାର୍ଯ୍ୟକ୍ରମ ଓ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ସମନ୍ୱୟ କରାଯାଇଥିଲା । ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ଼କ୍ଟର ପ୍ରତିମା ପ୍ରଧାନ, ଡ଼କ୍ଟର ପ୍ରୀତିରଞ୍ଜନ ମାଝୀ, ଡ଼କ୍ଟର ପ୍ରଜ୍ଞା ପଣ୍ଡା ଓ ଶ୍ରୀ ବସନ୍ତ କୁମାର ମଲ୍ଲିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ବଲାଙ୍ଗୀର ସହରର ବେହେରାପାଲି, କରଙ୍ଗାକଟା ଓ ନରସିଂ ବନ୍ଧ ପୁନରୁଦ୍ଧାର କାର୍ଯ୍ୟ ପରିଦର୍ଶନ କଲେ: ଜିଲ୍ଲାପାଳ

ବଲାଙ୍ଗୀର, ୨୧/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରବ ଶିବାଜୀ ଇସଲୱାର ବଲାଙ୍ଗୀର ସହରର ବେହେରାପାଲି ବନ୍ଧ, କରଙ୍ଗାକଟା ବନ୍ଧ ଏବଂ ନରସିଂ ବନ୍ଧରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ ।

ଏହି ଅବସରରେ ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ, ସ୍ଥାନୀୟ କାଉନ୍ସିଲରମାନେ, ବଲାଙ୍ଗୀର ପୌରପାଳିକାର ନିର୍ବାହୀ ଅଧିକାରୀ ଏବଂ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ବଲାଙ୍ଗୀର ପୌରପାଳିକା ପକ୍ଷରୁ ଚାଲିଥିବା ୧୧ଟି ପୋଖରୀର ପୁନରୁଦ୍ଧାର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଏହି ପୋଖରୀଗୁଡ଼ିକୁ ମଡେଲ ପୋଖରୀରେ ପରିଣତ କରାଯିବା ସହିତ ଚାରିପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ । ଏହାଦ୍ୱାରା ବଲାଙ୍ଗୀର ସହରକୁ ଏକ ଆଦର୍ଶ ନଗର ଭାବେ ଗର୍ଢ଼ି ତୋଳିବାରେ ସହାୟକ ହେବ । ଏଥିପାଇଁ ସେ ସହରବାସୀଙ୍କୁ ପୌରପାଳିକାକୁ ସମ୍ପୂର୍ଣ୍ଣ ସହଯୋଗ ଓ ସାହାଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ ।

ଜିଲ୍ଲାପାଳ ସହରର ବିଭିନ୍ନ ସ୍ଥାନରେ କରାଯାଇଥିବା ୱାଲ୍ ପେଂଟି ଓ ଚିତ୍ରକଳା କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ । ପୋଖରୀଗୁଡ଼ିକରେ ପରିବେଶ ଅନୁକୂଳ ବିକାଶ ଏବଂ ପକ୍ଷୀମାନଙ୍କ ଆଗମନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅଧିକ ସବୁଜୀକରଣ ଓ ଆକର୍ଷଣୀୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ପରିଶେଷରେ ଜିଲ୍ଲାପାଳ ବଲାଙ୍ଗୀର ପୌରପାଳିକାର ପୌରାଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀମାନଙ୍କର ଉଦ୍ୟମ ଓ କାର୍ଯ୍ୟ ଦକ୍ଷତାର ଓ ସାଧାରଣ ଜନତାଙ୍କ ଭାଗିଦାରୀତାକୁ ଭୂୟସୀ ପ୍ରଶଂସା କରିଥିଲେ ।

# ପିଏମ କିଷାନ ଉତ୍ସବ ଦିବସର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର, ୨୧/୦୬ (ନି.ପ୍ର): ଜୁଡ଼ିଆ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ପିଏମ କିଷାନ ଉତ୍ସବ ଦିବସର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବ ଦିବସ ଉପଲକ୍ଷେ ପଶ୍ଚିମବଙ୍ଗ ରାଜ୍ୟର ତାରକେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ କୃଷକ ଭାଇଭଉଣୀ ମାନଙ୍କ ବ୍ୟାଙ୍କ ଖାତାକୁ କୃଷି କାର୍ଯ୍ୟକ୍ରମ ପାଇଁ ପିଏମ କିଷାନ ଯୋଜନା ଅନ୍ତର୍ଗତ ୨୩ ତମ ସହାୟତା ରାଶି ପ୍ରଦାନ କରିଥିଲେ । ମହତାବ ଭବନ, ରାଇରଙ୍ଗପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି, ଓଡିଶା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷକ ସମାଜକୁ ଉଦବୋଧନ ଦେବା ସଙ୍ଗେ ସଙ୍ଗେ ସରକାରୀ ଯୋଜନାର ସହାୟତା ନେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ କୃଷକ ଭାଇଭଉଣୀ, ବିଭଗୀୟ ଅଧିକାରୀ, କୃଷି ବୈଜ୍ଞାନିକ ମାନେ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ଓ ତାରକେଶ୍ୱରରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂ, ସିଡିଭିଓ ଡ଼ଃ ଚନ୍ଦ୍ରଶେଖର ରଥ, ପିଡି ୱାଟରସେଡ଼ ଶ୍ରୀ ଅଶୋକ କୁମାର ସେନାପତି, ଏଡିଆର ଡ. କିଶୋର ଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ, ଏଡିଏଚ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମେହେର ଅତିଥି ଆସନ ଅଳଙ୍କୃତ କରିବା ସଙ୍ଗେ ସଙ୍ଗେ ଆଭାସୀ ମାଧ୍ୟମରେ ପ୍ରସାରିତ ରାଜ୍ୟ ସ୍ତରୀୟ ଓ ମୁଖ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ସର୍ବଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରିଥୁରାଜ ମଣ୍ଡଳ କେନ୍ଦୁଝର ଜିଲ୍ଲାର ୧.୮୨ ଲକ୍ଷରୁ ଉର୍ଦ୍ଧ ଚାଷୀ ଭାଇଭଉଣୀଙ୍କ ଖାତାକୁ ପାଖାପାଖି ୩୬.୪୭ କୋଟି ଟଙ୍କା ସହାୟତା ରାଶି ହସ୍ତାନ୍ତର ହୋଇଥିବାର ସୂଚନା ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳାରେ ଆନ୍ତର୍ଜାତିୟ ଯୋଗ ଦିବସ ପାଳିତ

## 'ଯୋଗ'ର ବ୍ୟାପକତାକୁ ଭାଷାରେ ବ୍ୟକ୍ତ କରିବା ସମ୍ଭବ ନୁହେଁ : ପ୍ରମିଳା ପଣ୍ଡା




ଉଦଳା, ୨୧/୬ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳା ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଯୋଗ ଅଭ୍ୟାସ ସହିତ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ପତଞ୍ଜଳି ଯୋଗ ସଂସ୍ଥାନ ଏହା ଆୟୋଜନର ନେତୃତ୍ୱ ନେଇଥିବା ବେଳେ କେତେଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ସହଯୋଗ କରିଥିଲେ । ହୋଟେଲ ସିପ୍ରୋନ ପରିସରରେ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରକାଶ ନାୟକ ଅଧ୍ୟକ୍ଷତା କରି ଆଜକୁ ୧୨ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ନେତୃତ୍ୱରେ ମିଳିତ ଜାତିସଂଘରେ 'ଯୋଗ'କୁ ଆନ୍ତର୍ଜାତୀୟ ଦିବସ ରୂପେ ଘୋଷଣା ପାଇଁ କିପରି ଉଦ୍ୟମ କରାଯାଇଥିଲା ଓ ଶେଷରେ ସଫଳ ହୋଇପାରିଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ 'ଯୋଗ' ପାଇଁ ସମଗ୍ର ପୃଥିବୀରେ ଆମର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ 'ଯୋଗ'ର ପରିଭାଷା ଏତେ ବ୍ୟାପକ ଯେ ଏହାକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବୋଲି କହିଥିଲେ । ବୈଜ୍ଞାନିକ ମାନେ 'ଯୋଗ'କୁ ଚିକିତ୍ସା ବିଜ୍ଞାନର ଏକ ଅଙ୍ଗବୋଲି କହୁଥିବା ବେଳେ ଦାର୍ଶନିକ ମାନେ ଈଶ୍ୱରଙ୍କ ସାନିଧ ଲାଭ କରିବା ପାଇଁ 'ଯୋଗ' ଏକ ମାର୍ଗ ବୋଲି ବିବେଚନା କରୁଥିବାର କଥା ଜଣାଇଥିଲେ । ଏହାପରେ ଯୋଗଗୁରୁ ବ୍ରହ୍ମାନନ୍ଦ ନାୟକ ଯୋଗାସନ ଅଭ୍ୟାସ କରାଇଥିଲେ । କେଉଁ ଆସନଟି କାହାପରେ କରାଯିବ ଏବଂ ଆସନ ପୂର୍ବରୁ ଓ ପରେ କିପ୍ରକାର ନିୟମ ମାନିବାକୁ ପଡ଼ିବ ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଆସନ କରିବାର ରଣ କୌଶଳକୁ ବେଶ ସୁନ୍ଦର ଭାବେ ଶିଖାଇବା ସହ ଏହାକୁ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳାସ୍ଥିତ ଆତ୍ମଦର୍ଶନ ଭବନର ପରିଚାଳିକା ବ୍ରହ୍ମାକୁମାରୀ ଦମୟନ୍ତି, ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉଦଳା ପଂଚାୟତ ସମିତିର ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଜିର ଉତ୍ସବକୁ ସଫଳ କରିଥିଲେ ।

# ବିକାଶର ଧାରା, ଓଡ଼ିଶା ସାରା : ନୂଆପଡ଼ାରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ନୂଆପଡ଼ା, ୨୧/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' ଜନସମ୍ପର୍କ କାର୍ଯ୍ୟକ୍ରମ ଅନ୍ତର୍ଗତ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ସଦଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ମୁରଲୀଧର ଭୋଇ, ଭରତଲାଲ ରାଉତ, ମାଲ୍ୟବନ୍ତ ସୁନା, ଭାନୁପ୍ରତାପ ସିଂ ମାଝୀ, ଅବନୀ ରଞ୍ଜନ ଯୋଶୀ ଓ ଉମା ଠାକୁରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ପରିଚୟପତ୍ର, କୃଷି ବିଭାଗ ପକ୍ଷରୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ ସଫଳତା ଓ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଉପରେ ମତ ପ୍ରକାଶ କରିଥିଲେ । ସଭାରେ ଜିଲ୍ଲାପାଳ କହିଥିଲେ ଯେ, "ବିକାଶ ଏକ ନିରନ୍ତର ଧାରା । ବିକାଶମୁଖୀ ମାନବୀୟ ଚିନ୍ତାଧାରା ଓ ପ୍ରଶାସନିକ ଦୃଷ୍ଟିଭଙ୍ଗୀ ଯେଉଁଠାରେ ଥାଏ, ସେଠାରେ ଅଗ୍ରଗତି ନିଶ୍ଚିତ ହୁଏ । ସମସ୍ତଙ୍କ ସହଭାଗିତା ଓ ସମନ୍ୱିତ ପ୍ରୟାସ ଦ୍ୱାରା ନୂଆପଡ଼ାକୁ ବିକାଶର ନୂତନ ଉଚ୍ଚତାକୁ ନିଆଯାଇପାରିବ । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱଚ୍ଛ ଭାରତ ଜିଲ୍ଲା ସଂଯୋଜକ ଅନିଲ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଝାରସୁଗୁଡ଼ା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ସମୀକ୍ଷା ବୈଠକ

ଝାରସୁଗୁଡ଼ା, ୨୧/୦୬ (ନି.ପ୍ର): ଝାରସୁଗୁଡ଼ା ପୌରାଂଚଳ ଅଧୀନରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ଓ ଏନ୍ୟୁମେରେସନ୍ (ଗଣନା) କାର୍ଯ୍ୟର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକଟି ଝାରସୁଗୁଡ଼ା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବିଶେଷ କରି ଏନ୍ୟୁମେରେସନ୍ ଫର୍ମଗୁଡ଼ିକର ସଠିକ୍ ବିତରଣ, ସଂଗ୍ରହ ଏବଂ ତାହାର ସମ୍ପୂର୍ଣ୍ଣ ଡିଜିଟାଇଜେସନ ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ନିର୍ବାଚନ ପଞ୍ଜୀକରଣ ଅଧିକାରୀ (୦୭ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ) ତଥା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନରେ ଥିବା ସମସ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲଓ ସୁପରଭାଇଜରମାନେ ଉପସ୍ଥିତ ଥିଲେ । ଶ୍ରୀ ପଣ୍ଡା ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ଡିଜିଟାଇଜେସନ ପ୍ରକ୍ରିୟାକୁ କିପରି ଅଧିକ ସ୍ୱଚ୍ଛ, ସଠିକ୍ ଏବଂ ସମୟସୀମା ମଧ୍ୟରେ ଶେଷ କରାଯାଇପାରିବ ସେ ନେଇ ଆବଶ୍ୟକୀୟ ଦିଗଦର୍ଶନ ଦେଇଥିଲେ । ଏହି ପ୍ରକ୍ରିୟାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହି ସମ୍ପୂର୍ଣ୍ଣ ସମୀକ୍ଷା ପ୍ରକ୍ରିୟା ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି । ପୌରାଂଚଳର ସମସ୍ତ ଭୋଟରଙ୍କ ତଥ୍ୟକୁ ସଠିକ୍ ଭାବେ ଡିଜିଟାଲ୍ ବ୍ୟବସ୍ଥାରେ ସାମିଲ କରିବା ପାଇଁ ଉପ-ଜିଲ୍ଲାପାଳ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।

# ଭଦ୍ରକରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଭଦ୍ରକ , ୨୧/୦୬ (ନି.ପ୍ର): ଭଦ୍ରକ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ମହୋତ୍ସବ ସମିତି, ଓଡ଼ିଶାର ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଭବ୍ୟ ଯୋଗ ଶିବିରରେ ଯୋଗଦେଇ ଯୋଗ ଅଭ୍ୟାସ କଲେ ଭଦ୍ରକ ବିଧାୟକ ଚନ୍ଦୁ ନନା, ଯୋଗ ହେଉଛି ଭାରତର ପ୍ରାଚୀନ ଋଷି ପରମ୍ପରାର ଅମୂଲ୍ୟ ଐତିହ୍ୟ, ଯାହା ଆଜି ସମଗ୍ର ବିଶ୍ୱକୁ ସୁସ୍ଥ ଜୀବନ ଓ ମାନସିକ ଶାନ୍ତିର ପଥ ଦେଖାଉଛି । ଆସନ୍ତୁ, ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରି ସୁସ୍ଥ ସମାଜ, ସଶକ୍ତ ରାଷ୍ଟ୍ର ଓ ସମୃଦ୍ଧ ଭାରତ ଗଠନରେ ନିଜର ଅବଦାନ ରଖିବା ବୋଲି ବିଧାୟକ ମତବ୍ୟକ୍ତ କରିଛନ୍ତି ।

# ଗାଧୋଇବାକୁ ଯାଇ ବୁଡ଼ିଗଲେ ଯୁବକ

ସୁବର୍ଣ୍ଣପୁର, ୨୧/୦୬ (ନି.ପ୍ର): ଆଜି ମଧ୍ୟାହ୍ନରେ ନିକଟ ଜୋରକୁ ଗାଧୋଇବାକୁ ଯାଇ ଜଣେ ଯୁବକ ପାଣିରେ ବୁଡି ପ୍ରାଣ ହରାଇଛନ୍ତି । ଖବର ଅନୁସାରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଚରଦା ଗ୍ରାମର ପ୍ରଶାନ୍ତ ଥନାପତି(୫୨) ଆଜି ମଧ୍ୟାହ୍ନରେ ନିକଟସ୍ଥ ଚୌକି ଜୋରକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡି ପ୍ରାଣ ହରାଇଥିଲେ । ଗ୍ରାମର କିଛି ବ୍ୟକ୍ତି ଯୁବକଙ୍କ ଶବ ଭାସୁଥିବା ଦେଖିବାକୁ ପାଇ ଭୟଭୀତ ହୋଇ ପଡ଼ିଥିଲେ । ପୁଣି ଜୋର ଖଣ୍ଡିରେ ଉକ୍ତ ଯୁବକଙ୍କ ମଟର ସାଇକେଲ ଦେଖିବା ପରେ ପ୍ରଶାନ୍ତ ବୋଲି ଜାଣି ତୁରନ୍ତ ଘର ଲୋକଙ୍କୁ ଖବର ଦେଇଥିଲେ । ଘର ଲୋକ ଘଟଣା ସ୍ଥଳକୁ ପହଂଚି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇ ଚିକିତ୍ସା ପାଇଁ ବିନିକା ଡାକ୍ତରଖାନାକୁ ଆଣିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ୩୦ ତାରିଖରେ ଗୋପ ବ୍ଲକଠାରେ

ପୁରୀ, ୨୧/୦୬ (ନି.ପ୍ର): ଚଳିତ ମାସ ୩୦ ତାରିଖ ପୂର୍ବାହ୍ନ ୧୦ ଟାରେ ଗୋପ ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି । ପୂର୍ବରୁ ଏହି ଶିବିର ୨୯ ତାରିଖ ପାଇଁ ଧାର୍ଯ୍ୟ ଥିଲା । ତେବେ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମା ପଡୁଥିବାରୁ ଓ ସମସ୍ତ ଅଧିକାରୀ ମାନେ ସେଥିରେ ବ୍ୟସ୍ତ ରହୁଥିବାରୁ ଏହା ୩୦ ତାରିଖରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ସାହୁ ଅବଗତ କରାଇଛନ୍ତି ।

# ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬ ଉପଲକ୍ଷେ ସଚେତନତା ରାଲି

ନୂଆପଡ଼ା, ୨୧/୦୬ (ନି.ପ୍ର): ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬ ପାଳନ ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ସଚେତନତା ରାଲି ଏବଂ ସ୍ୱାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ କଲେକ୍ଟରେଟ ପରିସରରୁ ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାଟୀ କଲେକ୍ଟରେଟରୁ ବାହାରି ଏକତା ଛକ ପର୍ଯ୍ୟନ୍ତ ପରିକ୍ରମା କରି ପୁନର୍ବାର କଲେକ୍ଟରେଟକୁ ଫେରିଥିଲା । ରାଲି ସମୟରେ ନିଶାଦ୍ରବ୍ୟର କୁପ୍ରଭାବ ଏବଂ ନିଶାମୁକ୍ତ ସମାଜ ଗଠନର ବାର୍ତା । ସମ୍ବଳିତ ସ୍ଲୋଗାନ ମାଧ୍ୟମରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । ପରବର୍ତୀ ପର୍ଯ୍ୟାୟରେ କଲେକ୍ଟରେଟ ପରିସରରେ ଏକ ସ୍ୱାକ୍ଷର ଅଭିଯାନ ଆୟୋଜିତ ହୋଇଥିଲା । ଉପସ୍ଥିତ ସମସ୍ତେ ନିଶାମୁକ୍ତ ସମାଜ ଗଠନ ପାଇଁ ସମୂହିକ ପ୍ରତିବଦ୍ଧତା ପ୍ରଦର୍ଶନ କରି ସ୍ୱାକ୍ଷର ପ୍ରଦାନ କରିଥିଲେ ।

# ସଦର ନିର୍ବାଚନ ମଣ୍ଡଳୀରେ ବିକାଶ କାର୍ଯ୍ୟର ରିପୋର୍ଟ ପ୍ରଦାନ କଲେ ବିଧାୟକ ମାନସ ଦତ୍ତ

## ଦୁଇ ବର୍ଷ ମଧ୍ୟରେ ଉପଯୋଗ ହୋଇଛି ରେକର୍ଡ ୨ହଜାର କୋଟି ଟଙ୍କାର ଅନୁଦାନ, କେବଳ ରାସ୍ତା ନିର୍ମାଣରେ ଖର୍ଚ୍ଚ ହେଉଛି ୨ଶହ କୋଟି




ବାଲେଶ୍ୱର, ୨୧/୬ (ନି.ପ୍ର): ବିଗତ ଦୁଇ ବର୍ଷ ମଧ୍ୟରେ ଭିତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ଯୁବ ଓ ନାରୀ ଶକ୍ତି ସଶକ୍ତିକରଣ ସହିତ ଅଗଣିତ ଜନକଲ୍ୟାଣକାରୀ ପ୍ରକଳ୍ପ ମାଧ୍ୟମରେ ଏକ ନୂଆ ବାଲେଶ୍ୱର ଗଢ଼ିବା ନେଇ ନିରନ୍ତର ଉଦ୍ୟମ ଜାରି ରହିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ମାନସ କୁମାର ଦତ୍ତ ସୂଚନା ଦେଇଛନ୍ତି। ରାଜ୍ୟରେ ଲୋକଙ୍କ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ଦତ୍ତ ରେକର୍ଡସ୍ତରରେ ୨ହଜାର କୋଟି ଟଙ୍କାର ଅନୁଦାନ ଅର୍ଥ ଉପଯୋଗ ହେବା ଏକ ବିରଳ ତଥା ଐତିହାସିକ ଘଟଣା ବୋଲି କହିଛନ୍ତି। ଏଥି ମଧ୍ୟରେ ଗ୍ରାମାଂଚଳକୁ ସହର ସହିତ ଯୋଡିବା ଲକ୍ଷ୍ୟରେ ଗମନାଗମନ ବ୍ୟବସ୍ଥାର ଉନ୍ନତି ପାଇଁ ସଂଖ୍ୟାଧିକ ପ୍ରକଳ୍ପ ମାଧ୍ୟମରେ ୨୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ମଧ୍ୟ ଏକ ରେକର୍ଡ ବୋଲି ସେ ପ୍ରକାଶ କରିଛନ୍ତି। ସଦର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ପ୍ରକଳ୍ପ ମଧ୍ୟରେ ବନ୍ୟା ପ୍ରପିଡିତ ଗୁଜୁରୀବଜାର ଅଂଚଳରେ ୧୨କୋଟି ଟଙ୍କର ରାସ୍ତା, ୪୩ କୋଟି ଟଙ୍କାର ସୋଲପଟା - ବାହାବଳପୁର ରାସ୍ତା ସହିତ ଗ୍ରାମାଂଚଳ ଓ ବାଲେଶ୍ୱର ସହରାଂଚଳରେ ୬୦କୋଟି ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ମିଳିସାରିଛି । ବାଲେଶ୍ୱର ସହର ସୀମାରେ ୩୦୦କୋଟି ଟଙ୍କାର ରିଂ ରୋଡ ପ୍ରକଳ୍ପ ଅନୁମୋଦିତ ହେବା ପରେ ଡିପିଆର ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି । ସମୁଦ୍ର ଜୁଆରରୁ ଉପକୂଳ ଅଂଚଳକୁ ରକ୍ଷା କରିବା ପାଇଁ ସାର୍ଥା ପଂଚାୟତରେ ୨୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଲୁଣାବନ୍ଧ ନିର୍ମାଣାଧୀନ ଥିବା ବେଳେ କଷାଫଳ, ପରିଖି, ନଗ୍ରମ, ଆଳୁମେଦା, ବାହାବଳପୁର, ଚାରିଗୋଛିଆ, ପଂଚୁପଡା, ନୂଆପୁର, ଗୋପୀନାଥପୁର, କୁରାଡିହା, ପୁରୁଣା ବାଲେଶ୍ୱରରେ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ୪ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଦୀର୍ଘ ଦିନରୁ ଅଟକି ରହିଥିବା ପ୍ରକଳ୍ପ ମଧ୍ୟରେ କଷାଫଳ ଓ ଆଳୁମେଦା ପଂଚାୟତକୁ ସଂଯୋଗର ସେତୁ ଡୁବୁଡୁବି ପୋଲର କାର୍ଯ୍ୟ ପୁନଃ ଆରମ୍ଭ ହୋଇଥିବା ବେଳେ ପରିଖି - ବଳରାମଗଡି, ଓଲାଡି ଓ ଅରାଡ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଅନୁରୂପ ଭାବେ ନୂଆପୁର, କଷାଫଳ ଟୁରିଷ୍ଟ, ଚାରିଗୋଛିଆ ପ୍ରଭୃତି ଅଂଚଳରେ ନୂତନ ସେତୁ ନିର୍ମାଣ ପାଇଁ ଉପକ୍ରମ ଆରମ୍ଭ କରାଯାଇଛି । ମୋଟାମୋଟି ଉପରେ ସେତୁ ନିର୍ମାଣ ପାଇଁ ଅଦ୍ୟାବଧି ୧୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ କାର୍ଯ୍ୟାନ୍ୱୟନ ହୋଇପାରିବା ଏକ ଉଲ୍ଲେଖନୀୟ ବିଷୟ । ସେହିପରି ୭୫କୋଟି ଟଙ୍କା ବ୍ୟୟରେ ବଳରାମଗଡିରେ ନିର୍ମିତ ବୃହତ ଫିସିଂ ହାର୍ବର ଓ ବାହାବଳପୁର ଠାରେ ୩୪କୋଟି ଟଙ୍କାର ମତ୍ସ୍ୟ ଅବତରଣ କେନ୍ଦ୍ର ହଜାର ହଜାର ମତ୍ସ୍ୟଜୀବି ପରିବାରର ଆର୍ଥିକ ଅବସ୍ଥାକୁ ସୁଦୃଢ ସହିତ ବାଲେଶ୍ୱରର ଅର୍ଥନୀତିକୁ ନୂତନ ଦିଗ ପ୍ରଦାନ କରିବ । ପର୍ଯ୍ୟଟନ ଅପାର ସୁଯୋଗକୁ ପ୍ରୋତ୍ସାହନ ଦିଗରେ ଚାନ୍ଦିପୁର ବେଳାଭୂମୀର ନବକଳେବର ପାଇଁ ୧୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓ କଷାଫଳ ବେଳାଭୂମୀର ଉନ୍ନତି ପାଇଁ ୨କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗର ମଞ୍ଜୁରୀ ଅପେକ୍ଷା କରାଯାଇଛି । ସୁବ୍ୟବସ୍ଥିତ ନ୍ୟାୟିକ ପ୍ରକିୟା ପରିଚାଳନା ପାଇଁ ଜୁଡିସିଆଲ ହବ୍ ନିର୍ମାଣ ନିମନ୍ତେ ୩୪୦କୋଟି ଟଙ୍କାର ଅନୁଦାନ, ଐହିହାସିକ ଉପଲବ୍ଧି ମଧ୍ୟରେ ଅନ୍ୟତମ । ସେହିପରି ଶିଳ୍ପ, ବାଣିଜ୍ୟ ଓ ନିବେଶ କ୍ଷେତ୍ରକୁ ପ୍ରୋତ୍ସାହନ ପାଇଁ ୫୦କୋଟି ଟଙ୍କା ଖର୍ଚ୍ଚରେ ଅତ୍ୟାଧୁନିକ ଇଡକୋ ଟାୱାର ନିର୍ମିତ ହେବ । ବାଲେଶ୍ୱର ସହରର ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପୌରପାଳିକା ମାଧ୍ୟମରେ ୮୦କୋଟି ଟଙ୍କା ଖର୍ଚ୍ଚରେ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି । ୫କୋଟି ଟଙ୍କାର ବ୍ୟୟରେ ରିଭର ସାଇଡ ପାର୍କ, ୭କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ମଣ୍ଡଳବଜାର ବହୁମୁଖୀ ମାର୍କେଟ କମ୍ପ୍ଲେକ୍ସ, ୫କୋଟି ଟଙ୍କାରେ ଗୋଶାଳା, ୩କୋଟି ଟଙ୍କାରେ ମଲ୍ଟି କମ୍ପ୍ଲେକ୍ସ ଓ ୫୦ଲକ୍ଷ ଟଙ୍କା ଖର୍ଚ୍ଚରେ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ ହେବ । ବାଲେଶ୍ୱର ସହରବାସୀଙ୍କ ବିଶୁଦ୍ଧ ପାନୀୟ ଜଳ ପାଇଁ ଦୀର୍ଘଦିନ ଆଶାକୁ ପୂରଣ କରିବାକୁ ଯାଇ ୧୨୨କୋଟି ଟଙ୍କା ଅନୁଦାନରେ ନଦୀଜଳ ବିଶୋଧନ ସହ ଘରକୁ ଘର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇପାରିଛି । ସେହିପରି ଗ୍ରାମାଂଚଳରେ ନଳକୂପ ସହିତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୪୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ବ୍ୟାସକବି ଫକୀରମୋହନଙ୍କ ଜନ୍ମସ୍ଥଳୀ ଶାନ୍ତିକାନନକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ ସହ ୧୫କୋଟି ଟଙ୍କାର ଅନୁଦାନ ମିଳିସାରିଛି । ନଗ୍ରମ ଠାରେ ବ୍ଲକସ୍ତରୀୟ ବହୁମୁଖୀ କ୍ରୀଡା ଷ୍ଟାଡିଅମ ନିର୍ମାଣ ପାଇଁ ୧୨କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ବାଲେଶ୍ୱର ସହରରେ ନୂତନ ଷ୍ଟାଡିଅମ ବା ପରିମିଟ ପଡିଆର ଆଧୁନିକୀକରଣ ପାଇଁ ୧୮କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରାଯାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କୋଲକାତାରୁ ମୋଦୀଙ୍କ...

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଦୃଢ଼ ସାମୁଦ୍ରିକ ଶକ୍ତି ଥିବା ଏକ ଦେଶ ଶକ୍ତିଶାଳୀ ଆର୍ଥିକ ଏବଂ ରଣନୈତିକ ପ୍ରଭାବ ରଖିବା ଜରୁରୀ। ଭାରତ ଏହି ବାସ୍ତବତାକୁ ଭଲ ଭାବରେ ବୁଝୁଛି। ଭାରତ ଏଥିପାଇଁ ନିଜକୁ ପ୍ରସ୍ତୁତ କରୁଛି। ଆଇଏନଏସ ବିକ୍ରାନ୍ତରୁ ଆଜି ପର୍ଯ୍ୟନ୍ତ ଯାତ୍ରା କେବଳ ନୂତନ ଯୁଦ୍ଧଜାହାଜ ବିଷୟରେ ନୁହେଁ। ଏହା ଭାରତର ବଢୁଥିବା ଆତ୍ମନିର୍ଭରଶୀଳତା ବିଷୟରେ। ଆଜି, ଆଇଏନଏସ ଅଗ୍ରେୟ, ଆଇଏନଏସ ଦୁନାଗିରି ଏବଂ ଆଇଏନଏସ ସଂଶୋଧନ ସେହି ଯାତ୍ରାକୁ ନୂତନ ପ୍ରେରଣା ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଯୋଗମୟ ସାରାବିଶ୍ୱ:...

ଅନ୍ୟମାନଙ୍କୁ ଯୋଗ ଓ ପ୍ରାଣାୟମ କରିବାକୁ ପରାମର୍ଶ ଦେଇଛନ୍ତି । ଡିଜିଟାଲ ଯୁଗରେ ଯୁବପିଢ଼ି ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବାବେଳେ ପ୍ରତିଦିନ ଅତିକମରେ ୨୦ରୁ ୩୦ ମିନିଟ୍ ଯୋଗ କରିବାକୁ ଦେଇଛନ୍ତି ପରାମର୍ଶ । ପୁରୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଏହି ଅବସରରେ ରାଜ୍ୟବ୍ୟାପି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଛି ଯୋଗ ଶିବିର । ଭାରତରୁ ଆରମ୍ଭ ହୋଇଥିବା ଯୋଗ ଏବେ ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି । ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ ରହିଥିଲା 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' ।

### ସୁରୁଖୁରୁରେ ସରିଲା ...

ପରୀକ୍ଷା ଆୟୋଜିତ ହୋଇଯାଇଛି । ୫ ହଜାରରୁ ଅଧିକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି ୨୩ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ । ସେପଟେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାପମୁକ୍ତ ହୋଇ ନିର୍ଭୟରେ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଖେଳ ନଖେଳିବାକୁ ସେ ସମସ୍ତଙ୍କୁ ଅପିଲ କରିଥିଲେ । ନିଟ-ୟୁଜି ପୁନଃ ପରୀକ୍ଷା ପାଇଁ ଏଥର ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଦେଖିବାକୁ ମିଳିଛି ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା । ପରୀକ୍ଷା କେନ୍ଦ୍ରଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା, ସିସିଟିଭିରେ ନଜର ରଖିବା ସହ ପରୀକ୍ଷାର ଭିଡିଓଗ୍ରାଫି କରାଯାଇଛି ।

### ସାଂଗଠନିକ କାର୍ଯ୍ୟକଳାପର...

ବରିଷ୍ଠ ନେତା ତଥା କଂଗ୍ରେସ ସାଧାରଣ ସମ୍ପାଦକ ଭୁପେଶ ବାଘେଲ, ରାଜ୍ୟ ସଭାପତି ଦୀପକ ବୈଜ, ବିଧାନସଭାରେ ବିରୋଧୀ ଦଳ ନେତା ଡକ୍ଟର ଚରଣଦାସ ମହନ୍ତ ରାହୁଲ ଗାନ୍ଧୀଙ୍କ ସହ ଘଟଣା ସ୍ଥଳରେ ପହଂଚିଥିଲେ। ଉଲ୍ଲେଖନୀୟ କଥା ହେଉଛି, ଅଭନପୁରର ଚଣ୍ଡି ମୋର୍ ସ୍ଥିତ ଆଶୁତୋଷ-ଅଲକା ଅଗ୍ରୱାଲ ମଙ୍ଗଳ ଭବନରେ ଶୁକ୍ରବାରଠାରୁ କଂଗ୍ରେସର ୧୦ ଦିନିଆ ଆବାସିକ ତାଲିମ ଶିବିର ଆରମ୍ଭ ହୋଇସାରିଛି। ସଙ୍ଗଠନ ସୃଜନ ଅଭିଯାନ ଅଧୀନରେ ଆୟୋଜିତ ଏହି ଶିବିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ନବ ନିଯୁକ୍ତ ଜିଲ୍ଲା ଏବଂ ସହର କଂଗ୍ରେସ ଅଧ୍ୟକ୍ଷମାନେ ଯୋଗ ଦେଉଛନ୍ତି।

# କମ୍ ବୟସରୁ ଯୋଗ ଗ୍ରହଣ କରିବା ଦ୍ୱାରା ସବୁଠାରୁ ଅଧିକ ଲାଭ ମିଳିଥାଏ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୧/୬ : ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ କହିଛନ୍ତି ଯେ ଯୋଗ ହେଉଛି ଭାରତର ଚିରନ୍ତନ ଏବଂ ପ୍ରାଚୀନ ପରମ୍ପରା, ଯାହା ଶରୀର, ମନ ଏବଂ ଆତ୍ମାର ପୂର୍ଣ୍ଣ ସମନ୍ୱୟ ପ୍ରତିଷ୍ଠା କରେ। ଯୋଗର ପ୍ରକୃତ ଶକ୍ତି ଏହାର ସାମଗ୍ରିକ ସ୍ୱଭାବରେ ରହିଛି, ଯାହା ଶାରୀରିକ ସ୍ୱାସ୍ଥ୍ୟ ସହିତ ଭାବନାତ୍ମକ ସନ୍ତୁଳନ, ମାନସିକ ସୁସ୍ଥତା ଏବଂ ସାମାଜିକ ସଂଯୋଗକୁ ପ୍ରୋତ୍ସାହିତ କରିଥାଏ। କମ୍ ବୟସରୁ ଯୋଗକୁ ଗ୍ରହଣ କରିବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯିବା ଉଚିତ କାରଣ ଏହା ଯେତେ ଶୀଘ୍ର ଆରମ୍ଭ ହେବ, ଜୀବନକାଳ ମଧ୍ୟରେ ଏହାର ସଂଚିତ ଲାଭ ସେତେ ଅଧିକ ହେବ।ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସକୁ ନେଇ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନଙ୍କ ଦ୍ୱାରା ଏକ ଇଂରାଜୀ ଖବରକାଗଜରେ ଲିଖିତ ଏକ ପ୍ରବନ୍ଧ ସେୟାର କରିଛନ୍ତି। 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ: ବର୍ଷକୁ ଜୀବନ ଯୋଗ କରିବା' ଶୀର୍ଷକ ନିବନ୍ଧକୁ ସେୟାର କରି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏହାକୁ ପଢ଼ିବାକୁ ଅନୁରୋଧ କରିଥିଲେ ଏବଂ ମାନବ କଲ୍ୟାଣ ଉପରେ ଯୋଗର ଗଭୀର ପ୍ରଭାବକୁ ପ୍ରଶଂସା କରିଥିଲେ।

# ବିଭିନ୍ନ ଯୋଗ ଶିବିରରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଯୋଗାଭ୍ୟାସ



ରେମୁଣା, ୨୧/୬ (ନି.ପ୍ର): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ ଶିବିର ଗୁଡ଼ିକରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ରବିବାର ସକାଳ ୭ଟା ସମୟରେ ରେମୁଣା ବ୍ଲକ୍ ଅନ୍ତର୍ଗତ ଭୀମପୁରା ପଞ୍ଚାୟତ ପଡ଼ିଆରେ ବ୍ଲକ୍ ସ୍ତରୀୟ ଯୋଗ ଶିବିର ଆୟୋଜିତ ହୋଇଥିଲା। ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଯୋଗ କେବଳ ଶାରୀରିକ ସୁସ୍ଥତା ପାଇଁ ନୁହେଁ, ଏହା ମାନସିକ ଶାନ୍ତି ଓ ଆଧାତ୍ମିକ ବିକାଶର ମଧ୍ୟ ଏକ ପ୍ରମୁଖ ମାଧ୍ୟମ। ନିୟମିତ ଯୋଗାଭ୍ୟାସ ଦ୍ୱାରା ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ରେମୁଣା ବିଡିଓ ସାର୍ଥକ ସୌରଭ ମହାପାତ୍ର, ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଜିଲ୍ଲା ବିଜେପି ସମ୍ପାଦିକା ରବିତା ଦାସ, ପୂର୍ବତନ ରେମୁଣା ବ୍ଲକ୍ ଅଧ୍ୟକ୍ଷ ଗୋପୀନାଥ ସେନାପତି, ଜିଲ୍ଲା ବିଜେପି ଏସ୍.ସି. ମୋର୍ଚ୍ଚା ସାଧାରଣ ସମ୍ପାଦକ ଗଜେନ୍ଦ୍ର ସେଠୀ, କମଳା ବିନ୍ଧାଣୀ, କୃଷ୍ଣ ଚନ୍ଦ୍ର ସାହାଙ୍କ ସମେତ ବହୁ ଯୋଗପ୍ରେମୀ ଓ ଯୋଗାର୍ଥୀ ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଅନ୍ୟପକ୍ଷରେ ରେମୁଣା ଏନ୍.ଏ.ସି. ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ଲୋଚନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଅନ୍ୟ ଏକ ଯୋଗ ଶିବିରରେ ମଧ୍ୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଉନ୍ସିଲର୍ ସିବୁନ ରୟଙ୍କ ସମେତ ଅନେକ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଯୋଗ ଦିବସ ପାଳନ କରିଥିଲେ।

# ଟ୍ରକ୍‌କୁ ପିଟିଲା ମିନିଟ୍ରକ : ଡ୍ରାଇଭର୍ ମୃତ

ସୁବର୍ଣ୍ଣପୁର, ୨୧/୬ (ନି.ପ୍ର): ଟ୍ରକ୍ କୁ ପିଟିଲା ମିନି ଟ୍ରକ। ମିନି ଟ୍ରକ ଡ୍ରାଇଭର ମୃତ। ଘଟଣାଟି ଘଟିଛି ବିନିକା ଏନ୍ ଏ ସି ଅନ୍ତର୍ଗତ ଜାମଛାପର ଛକ ପାଖରେ । ଗତକାଲି ରାତି ଗୋଟିଏ ବେଳକୁ ଟ୍ରକ୍ ରେଜିଷ୍ଟ୍ରେସନ୍ ନମ୍ବର ଟି ଏସ ୨ ୯ ଟି ବି ୨ ୩ ୯ ୯ ଜାମଛାପର ଛକରେ ଠିଆ ହୋଇଥିବା ବେଳେ ବିନିକା ପଟରୁ ସୋନପୁର ଆଡକୁ ଆସୁଥିବା ଟ୍ରାକ୍ଟର ବୋଝେଇ ମିନି ଟ୍ରକ ରେଜିଷ୍ଟ୍ରେସନ୍ ନମ୍ବର ଏପି ୩ ୯ ଡବ୍ଲୁ ଜେ ୦ ୨ ୯ ୬ ସିଧାସଳଖ ଟ୍ରକ୍ କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ମିନି ଟ୍ରକ ଡ୍ରାଇଭର୍ କୁ ଉଦ୍ଧାର କରି ବିନିକା ଡାକ୍ତରଖାନାକୁ ପହଂଚାଇ ଥିଲେ। ଡାକ୍ତରଖାନାରେ ଡାକ୍ତର ଡ୍ରାଇଭରକୁ ମୃତ ଘୋଷଣା କରିଥିଲେ। ତେବେ ଟ୍ରକ୍ ଟି ଅନ୍ୟ ରାଜ୍ୟର ହୋଇ ଥିବାରୁ ଡ୍ରାଇଭର୍ ର ପରିଚୟ ମିଳିପାରିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

# କୋରାପୁଟରେ ପାଳିତ ହେଲା ଅନ୍ତର୍ଜାତୀୟ ଯୋଗ ଦିବସ

ଜୟପୁର, ୨୧/୬ (ନି.ପ୍ର): 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ' ଶୀର୍ଷକ ବାର୍ତ୍ତା ସହ 'ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬' ଆଜି କୋରାପୁଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଉତ୍ସାହପୂର୍ଣ୍ଣ ବାତାବରଣ ମଧ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ଶର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବେଣୁଧର ଶବର ଏବଂ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଓ ସାଧାରଣ ଜନତା ସାମୂହିକ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିଲେ।ପ୍ରଶିକ୍ଷକମାନଙ୍କ ଦ୍ୱାରା ତାଡ଼ାସନ, ଭୁଜଙ୍ଗାସନ, ବଜ୍ରାସନ, ପ୍ରାଣାୟାମ ଓ ଧ୍ୟାନ ଆଦି ଅଭ୍ୟାସ କରାଯାଇଥିଲା।

# ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ରରେ ଯୋଗ ଦିବସ ପାଳିତ




ବାଲେଶ୍ୱର, ୨୧/୬ (ନି.ପ୍ର): ୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ବ୍ରାହ୍ମମୁହୂର୍ତ୍ତରେ ଧ୍ୟାନ ଯୋଗନାଚ, ଯୋଗଯାତ୍ରା, ସୂର୍ଯ୍ୟନମସ୍କାର ମାଧ୍ୟମରେ ବ୍ରିଟ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି । ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷାକେନ୍ଦ୍ର ବାଲେଶ୍ୱର ତରଫରୁ ଏହି ସମାରୋହକୁ ଆୟୋଜନ କରାଯାଇଥିଲା । ଯୋଗ କେନ୍ଦ୍ରର ସ୍ଥାୟୀ ସଭାପତି ପ୍ରଫେସର ଜୟସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଚିନ୍ମୟ ମିଶନର ସନ୍ୟାସୀ ବ୍ରହ୍ମଚାରୀ ଅଗସ୍ତି ଚୈତନ୍ୟ ପ୍ରଦୀପ ପ୍ରଜ୍ଜଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏକ ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି ସମ୍ମାନୀତ ଅତିଥି କବି ପ୍ରଶାନ୍ତ ଦାସ ତାଙ୍କର ଅଭିଭାଷଣରେ ଯୋଗ ଜୀବନରେ ଓମ ଉଚ୍ଚାରଣ ଭୂମିକା ଉପରେ ବିଶେଷ ଆଲୋଚନା କରିଥିଲେ । ବାଲେଶ୍ୱର ଜେଲର ସୁପରିଟେଣ୍ଡେଣ୍ଟ ଶ୍ରୀମତୀ ସୁଚିତ୍ରା ଦାସ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଯୋଗ ହିଁ ମାନବ ଧର୍ମକୁ ବିକାଶ କରିବାର ଏକମାତ୍ର ମାଧ୍ୟମ ବୋଲି କହିଥିଲେ । ବରିଷ୍ଠ ସାଧକ ନାରାୟଣ ପାତ୍ର, ସାଧିକା ମନ୍ଦାକିନୀ ଦାସ, ସାଧିକା, ଇନ୍ଦୁମତୀ ମହାରଣାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପ୍ରଫେସର ନାୟକ ତାଙ୍କ ଭାଷଣରେ ସମାଜରେ ସନାତନ ପରମ୍ପରାର ଅବକ୍ଷୟକୁ ଯୋଗ ମାଧ୍ୟମରେ ରୋକାଯାଇ ପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଅଖଣ୍ଡ ଧ୍ୟାନ ଓ ୧୦୮ ସୂର୍ଯ୍ୟ ନମସ୍କାରକୁ କେନ୍ଦ୍ରର ସାଧକ ସାଧିକା ମାନଙ୍କ ସହିତ ସହରର ବିଭିନ୍ନ ଅନୁଷ୍ଠାନର ଯୁବକ ଯୁବତୀମାନେ ଅଭ୍ୟାସ କରିଥିଲେ । ଏହା ପରେ ସମଗ୍ର ବିଶ୍ୱପାଇଁ ଉଦ୍ଦିଷ୍ଟ ସାଧାରଣ ପ୍ରୋଟୋକଲ ଯୋଗର ଅଭ୍ୟାସ କରାଯାଇଥିଲା । ସମସ୍ତ କାର୍ଯ୍ୟକୁ କେନ୍ଦ୍ରର ପ୍ରତିଷ୍ଠାତା ଯୋଗ ଗୁରୁ ସୁଜିତ କୁମାର ଜେନା ପରିଚାଳିତ କରିଥିଲେ। ଉପସଭାପତି ରଞ୍ଜନ କୁମାର ସାହୁ, ରୀତା ରାଉତ, ସାଧାରଣ ସମ୍ପାଦକ ସୁଶ୍ରୀ ସଙ୍ଗୀତା ଦାସ, ଯୁଗ୍ମ ସମ୍ପାଦକ- ଧ୍ରୁବ ଚରଣ ବେହେରା, ସହ ସମ୍ପାଦକ ସଞ୍ଜୟ କୁମାର ସେନାପତି, ସଂଗଠନ ସମ୍ପାଦକ ବସନ୍ତ କୁମାର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, କୋଷାଧ୍ୟକ୍ଷ ସୂର୍ଯ୍ୟ କୁମାର ପୋଥାଳ, ସଭ୍ୟ ଜ୍ୟୋତ୍ସ୍ନାଲତା ଜେନା, ଲିଲି ପଣ୍ଡା, ସୁଜାତା ପଣ୍ଡା, ରଣଜିତ ମହାରଣା, ଲଳିତା ରଣା, ଲୁନା ପତି, ସୀତାରାମ ସ ମନିଟର- ଗାୟତ୍ରୀ ପାଢ଼ୀ, ମାନସୀ ମହାରଣା, ରଘୁନାଥ ପଣ୍ଡା ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ମନ୍ଦିର ମଣ୍ଡଳ ବଜାର, ମହିଳା ଯୋଗକେନ୍ଦ୍ର ବଟେଶ୍ୱର, ମହିଳା ଯୋଗ କେନ୍ଦ୍ର ସହଦେବଖୁଣ୍ଟା ପ୍ରଭୃତିର ସାଧକସାଧିକା ମାନେ ଯୋଗ ଦେଇଥିଲେ । ବ୍ରିଟ କଲ୍ୟାଣ ମଣ୍ଡପର ଉତ୍ତରାଧିକାରୀ ସଂଘମିତ୍ରା ମହାନ୍ତି, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ବିକାଶ ପାଢ଼ୀ, ବିକାଶ କର ପ୍ରଭୃତି ସେମାନଙ୍କର ସହଯୋଗ ଦେଇଥିଲେ । ସେହିପରି ପୋଲିସ ଲାଇନଠାରେ ପୋଲିସ ମାନଙ୍କ ପାଇଁ ଯୋଗ ଶିବିରକୁ ଗୀତାଞ୍ଜଳି ପଣ୍ଡା, ଦମୟନ୍ତୀ ମହାପାତ, ରୀତା ରାଉତ ପରିଚାଳନା କରିଥିବା ବେଳେ, ମାଗୁଲି ଚରଣ ବାଳାଶ୍ରମ ମଥାନି ଠାରେ ସଞ୍ଜୟ ସେନାପତି ଓ ମିତାଲି ମଧୁସ୍ମିତା ସେନାପତି ଯୋଗ ଶିବିରକୁ ପରିଚାଳନା କରିଥିଲେ । ବାଲେଶ୍ୱର ଜେଲରେ ଅନ୍ତେବାସୀ ମାନଙ୍କ ପାଇଁ ଏକ ବିଶାଳ ଯୋଗ ଶିବିରକୁ ସୂର୍ଯ୍ୟ ପୋଥାଳ, ତୃପ୍ତି ପୋଥାଳ, ଜ୍ୟୋସ୍ନା ଜେନା, ସ୍ନେହଲତା ଦାସପତି, ମନୋସ୍ୱିନୀ ଜେନା ପ୍ରମୁଖ ପରିଚାଳନା କରିଥିଲେ । ମୋଟ ଉପରେ ପ୍ରାୟ ତିନି ହଜାର ଲୋକଙ୍କୁ ଯୋଗ ଦିବସରେ ଯୋଗର ପ୍ରେରଣା ପ୍ରଦାନ କରାଯାଇଥିଲା ।

# ବାଡିରେ ଫୁଟିଲା ୫ଟି ଦୁର୍ଲଭ ବ୍ରହ୍ମକମଳ ଫୁଲ



ବୈଶିଙ୍ଗା , ୨୧/୬ (ନି.ପ୍ର): ବ୍ରହ୍ମ କମଳ ଏକ ଦୁର୍ଲଭ ପୁଷ୍ପ। ଭାଗ୍ୟରେ ଥିଲେ ଏହି ଫୁଲ ଦେଖିବାକୁ ମିଳିଥାଏ। କାରଣ ଏହା କେବଳ ରାତିରେ ଫୁଟି ରାତିରେ ହିଁ ଝଡି ଯାଇଥାଏ। ବ୍ରହ୍ମ କମଳ ବର୍ଷରେ କେବଳ ଥରେ ମାତ୍ର ବର୍ଷାଋତୁ ଆରମ୍ଭରେ ମଧ୍ୟ ରାତ୍ରୀ ବେଳକୁ ଫୁଟିଥାଏ। ଏହି ଦୁର୍ଲଭ ବ୍ରହ୍ମ କମଳ ଫୁଲ ଦେଖିବାକୁ ମିଳିଛି ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ପଞ୍ଚାୟତର ବୈଶିଙ୍ଗା ଗ୍ରାମର ସ୍ୱର୍ଗତ ପରିକ୍ଷୀତ ବିନ୍ଧାଣୀଙ୍କ ଘର ବଗିଚାରେ ଶୁକ୍ରବାର ରାତିରେ ପରିକ୍ଷୀତଙ୍କ କନିଷ୍ଠ ପୁତ୍ର ଦେବନାରାୟଣ ବିନ୍ଧାଣୀ କୌଣସି କାମପାଇଁ ବଗିଚାକୁ ଯାଇଥିବା ବେଳେ ବଗିଚାରେ ପାଞ୍ଚଟି ବ୍ରହ୍ମ କମଳ ଫୁଲ ଫୁଟିଥିବା ଦେଖିବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ।ତେବେ ନିଜ ବଗିଚାରେ ବ୍ରହ୍ମ କମଳ ପାଇ ପରିକ୍ଷୀତଙ୍କ ଜ୍ୟେଷ୍ଠ ପୁତ୍ର ସତ୍ୟନାରାୟଣ ବିନ୍ଧାଣୀ ବିଭୁକୃପା ପାଇଛନ୍ତି ବୋଲି ମନେକରୁଛନ୍ତି। ମାତା ପାର୍ବତୀ ବିନ୍ଧାଣୀ ଓ ଦୁଇ ବହୁ ଏହି ପୁଷ୍ପଗଛର ଯତ୍ନ ନେଇଆସୁଥିଲେ। ପାର୍ବତୀଙ୍କ ପରିବାର ଲୋକେ ମଧ୍ୟ ଖୁବ ଖୁସିରେ ଅଛନ୍ତି। ଏହି ଦୁର୍ଲଭ ଫୁଲ ଫୁଟିଥିବା ଶୁଣି ପାଖ ପଡିଶାଙ୍କର ଦେଖିବାକୁ ଭିଡ ମଧ୍ୟ ଜମିଥିଲା।ଫୁଲଟିକୁ ପୁଜା କରିବା ପରେ ପାଖରେ ଥିବା ବିଭିନ୍ନ ମନ୍ଦିର ମାନଙ୍କର ଦେବାଦେବୀଙ୍କୁ ଅର୍ପଣ କରାଯାଇଥିଲା।

# ଶ୍ରୀ ଶ୍ରୀ ପତିତପାବନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିରି, ୨୧/୬ (ନି.ପ୍ର): ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ତଥା ଦେବଗିରି ପାହାଡ଼ ପାଦଦେଶରେ ନୂତନଭାବେ ନିର୍ମିତ ଶ୍ରୀ ଶ୍ରୀ ପାତିତପାବନ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଓ ମନ୍ଦିରପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି ।୬ଦିନ ବ୍ୟାପି ଆୟୋଜିତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ପୂର୍ବାହ୍ନ ପ୍ରାୟ ୯ଘଟିକା ସମୟରେ ସହସ୍ରାଧିକ ମହିଳା କଳସଧରି ମନ୍ଦିରଠାରୁ ବାହାରି ପଞ୍ଚଲିଙ୍ଗେଶ୍ୱର ଛକନିକଟକୁ ଯାଇ ସେନାପତି ପୋଖରୀରୁ କଳସ ବୁଡ଼ାଇ ମନ୍ଦିର ନିକଟକୁ ଫେରିଥିଲେ । ଦ୍ୱିତୀୟ ଦିବସ କାଯ୍ୟକ୍ରମ ଅନୁଯାଇ କୁଣ୍ଡସଂସ୍କାର, ଅଗ୍ନିସ୍ଥାପନ ଓ ଆଚାଯ୍ୟ ବରଣ କାଯ୍ୟକ୍ରମ ସମାପନ କରାଯାଇଥିଲା। ଏହି କଳସ ଶୋଭାଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ଧୁମସା ବାଜା ସହ ରାସ୍ତାରେ ପ୍ରାୟ ହଜାରହଜାର ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଧାଡିବାନ୍ଧି ସଂକୀର୍ତ୍ତନ କରିଯିବା ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ଭାବମୟ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଯଜ୍ଞସ୍ଥଳୀରେ ବେଦବିତ୍ ବ୍ରାହ୍ମଣ ମାନଙ୍କର ପବିତ୍ର ବେଦମନ୍ତ୍ର ଉଚ୍ଚାରଣ ରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ବସନ୍ତ କୁମାର ରାଉଳ, ଶରତ ଚନ୍ଦ୍ର ରାଉତ, ଦିଲ୍ଲୀପ କୁମାର ବଳ, ସୋମନାଥ ନାୟକ, ମଧୁସୁଧନ ନାୟକ,ଶ୍ରୀଧର ବେହେରା , ମାନସ କୁମାର ପଣ୍ଡା, ବିଶ୍ୱନାଥ ଜେନା, ଜୟନ୍ତ କୁମାର ବେହେରା, ବାପୁ ପୃଷ୍ଟି , ଚିତ୍ତରଞ୍ଜନ ବିଶ୍ୱାଳ, ମାଧ ନାୟକ, ଉମାକାନ୍ତ ବାରିକ,ଲକ୍ଷ୍ମୀଧର ଜେନା, ସୋମ୍ୟରଞ୍ଜନ ବେହେରା, ବିଶ୍ୱମ୍ବର ରାଉଳ, ଲକ୍ଷ୍ମୀଧର ଦାସ, ସାଧୁଲ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତରହି କାଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



ଖୋର୍ଦ୍ଧା, ୨୧/୬ (ନି.ପ୍ର): ଆଜି ଆନ୍ତର୍ଜାତିକ ଯୋଗ ଦିବସ। ୨୦୧୪ ମସିହାରେ ଆଜିର ଦିନରେ ଭାରତ ତରଫରୁ ଆଗତ ଏହି ଯୋଗ ଦିବସ ପାଳନ କୁ ସାରାବିଶ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ଦେଶ ସମର୍ଥନ କରିଥିଲେ। ୨୦୧୫ମସିହା ଠାରୁ ସେଇ ଦିନ ଠାରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହେଉଛି। ଆଜି ସାରା ଦେଶରେ ଦ୍ୱାଦଶ ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହେଉଛି। ଏହି ଅବସର ରେ ଖୋର୍ଦ୍ଧା ର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସିଗମା ପବ୍ଲିକ୍ ସ୍କୁଲ ପରିସର ରେ ପାତଞ୍ଜଳି ଯୋଗ ସମିତି ଆନୁକୁଲ୍ୟରେ ଯୋଗ ଦିବସ ପାଳନ ହୋଇଯାଇଛି। ସମିତି ଆବାହକ ସୀତାକାନ୍ତ ପଣ୍ଡା, ଯୋଗ ଗୁରୁ ଗୌରାଙ୍ଗ ମଣ୍ଡଳ, ହୁସେନ ମିଶ୍ର ପ୍ରମୁଖ ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ, ପ୍ରାଣାୟାମ ଶିକ୍ଷା ପ୍ରଦାନ କରିଥିଲେ। ଯୋଗାସାନ ଦ୍ୱାରା ଛାତ୍ର ସମାଜ ଏକ ଶୃଙ୍ଖଳିତ, ସୁନ୍ଦର ନିରୋଗ ଜୀବନ ଲାଭ କରିବା ସହ ଲକ୍ଷ ହାସଲ କରି ପାରିବେ ବୋଲି ମତ ଦେଇଥିଲେ। ସୂର୍ଯ୍ୟ ନମସ୍କାର, ଭ୍ରାମରି, ଅନୁଲୋମ ବିଲମ୍, ସହିତ ବିଭିନ୍ନ ମୁଦ୍ରା ରେ ପିଲାଠାରୁ ବଡ ସମସ୍ତେ ଯୋଗାଭ୍ୟାସ କରିଥିଲେ। ପ୍ରତିଦିନ ଛାତ୍ର ଛାତ୍ରୀ ଙ୍କ ଠାରୁ ଆରମ୍ଭ କରି ସମସ୍ତେ ୧୫ମିନିଟ୍ ରୁ ଅଧିକ ସମୟ ଯୋଗାଭ୍ୟାସ କରିବା ଉଚିତ୍ ବୋଲି ଯୋଗ ଗୁରୁ ପରାମର୍ଶ ଦେଇଥିଲେ। ଏହି ଯୋଗ ଶିବିର ରେ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ଙ୍କ ସହ ଅଭିଭାବକ ମାନେ ଯୋଗ ଦେଇଥିଲେ। ଅନୁଷ୍ଠାନ ର ଚେୟାରମ୍ୟାନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଙ୍କ ଆବାହକ ରେ ଆୟୋଜିତ ଏହି ଯୋଗ ଦିବସ ରେ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ , ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ ପରିଚାଳନା କରିଥିଲେ।

# ବାଲେଶ୍ୱରରେ ଅନ୍ତର୍ଜାତୀୟ ଯୋଗ ଦିବସ -୨୦୨୬ ଅନୁଷ୍ଠିତ



ବାଲେଶ୍ୱର, ୨୧/୬ (ନି.ପ୍ର): ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ଯୋଗ ମହୋତ୍ସବ ସମିତିର ସହଯୋଗରେ ଆଇ.ଟି.ଆଇ ଛକ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ - ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି। ଚଳିତ ବର୍ଷ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ, ନିୟମିତ ଯୋଗକରନ୍ତୁ ସୁସ୍ଥ ରୁହନ୍ତୁ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ଯୋଗ ମହୋତ୍ସବ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଅତ୍ୟନ୍ତ ସଫଳତାର ସହ ସଂଯୋଜନା ଓ ପରିଚାଳନା କରିଥିଲେ। ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରାରମ୍ଭିକ ଅଭିଭାଷଣ ସହ ଅତିଥିମାନେ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଏବଂ ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷା କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ଯୋଗ ମହୋତ୍ସବ ସେବା ସମିତିର ବରିଷ୍ଠ ଯୋଗ ଗୁରୁ ମାନଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କରାଯାଇଥିଲା । ଏହି ଅବସରରେ ଷ୍ଟାଡିୟମ ପରିସରରେ ଶତାଧିକ ଯୋଗପ୍ରେମୀ, ସମାଜସେବୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଏକାଠି ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ ଏହି ଯୋଗ ଦିବସ ପାଳନ କରାଯାଇଥିଲା।

## ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଜଳନ୍ଧରରେ ପହଂଚିଲେ

ନୂଆଦିଲ୍ଲୀ,୨୧/୬ : ଭାରତୀୟ ଜନତା ପାର୍ଟି (ବିଜେପି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଶନିବାର ବିଳମ୍ବିତ ରାତିରେ ରାତି ପ୍ରାୟ ୧୦ଟା ବେଳେ ଜଳନ୍ଧରରେ ପହଂଚିଥିଲେ। ସେଠାରେ ପହଂଚିବା ପରେ ତାଙ୍କୁ ବିଜେପି କର୍ମୀ ଓ ନେତାମାନେ ଭବ୍ୟ ସ୍ୱାଗତ କରିଥିଲେ। ଶ୍ରୀରାମ ଚୌକ (କମ୍ପାନୀ ବାଗ)ରୁ ଭଗବାନ ବାଲ୍ମିକୀ ଚୌକ ପର୍ଯ୍ୟନ୍ତ ଏକ ଭବ୍ୟ ରୋଡ ସୋ କରାଯାଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଏବଂ ସମର୍ଥକ ଯୋଗ ଦେଇଥିଲେ। ରୋଡ୍ ସୋ ସମୟରେ ବିଭିନ୍ନ ସ୍ଥାନରେ ଫୁଲ ବର୍ଷା କରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୋଆବା ଅଂଚଳର ବରିଷ୍ଠ ନେତା, ଜିଲ୍ଲା ଏବଂ ମଣ୍ଡଳ ସ୍ତରୀୟ ପଦାଧିକାରୀଙ୍କ ସମେତ ବହୁ ସଂଖ୍ୟକ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ହେଲଦି ଲାଇଫ୍ ଦ୍ୱାରା ବିଶ୍ୱ ଯୋଗ ଦିବସ ପାଳିତ




ବାଲେଶ୍ୱର, ୨୧/୬ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନେଚର କିୟର ଏଣ୍ଡ ଯୋଗିକ ସାଇନ୍ସ ପକ୍ଷରୁ ଆୟୁଷ୍ମାନ୍ କଲ୍ୟାଣ ଭବନ ଗୋପାଳଗାଁ ଠାରେ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି, ଏଥିରେ ୨୦୦ରୁ ଅଧିକ ଯୋଗ ଛାତ୍ରଛାତ୍ରୀ ସାଧାରଣ ବୟସ୍କ ସ୍ତ୍ରୀ ପୁରୁଷ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ମୁନିସିପାଲିଟିର ଅଧକ୍ଷା ସବିତା ସାହୁ, ପ୍ରତିଭାସ୍ତୀର ସଭାପତି କବି ପ୍ରଶାନ୍ତ ଦାସ, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା, ଦିପାଂଶୁ ସୁପରିଂ କ୍ଲାସ ଶିକ୍ଷା ସଂସ୍ଥାର ମୁଖ୍ୟ ଦିପାଂଶୁ ଶେଖର ସାମଲ କହିଲେ ମଣିଷର ମନ ଓ ଶରୀରକୁ ସୁସ୍ଥ ରଖିବାର ଏକ ଉପାୟ ହେଉଛି ଯୋଗ, ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଚିତ୍ତରଂଜନ ସାହୁ, ଆଜି ମଣିଷ ଭୟ, ଦୁଃଖ, କ୍ୟାନସର ଭଳି ରୋଗରୁ ମୁକ୍ତି ପାଇବାର ଯୋଗ ଏକ ମଧ୍ୟମ । ପ୍ରତ୍ୟେକ ଦିନ ଯୋଗ, ଧ୍ୟାନ, ପ୍ରାଣାୟାମ ସଠିକ ରୋଗ ଅନୁଯାୟୀ ଶିକ୍ଷା ଗ୍ରହଣ କଲେ ରୋଗରୁ ଉପଶମ ପାଇ ପାରିବେ । ଅନୁଷ୍ଠାନର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ କାର୍ଯ୍ୟକ୍ରମରେ ପୌରାହିତ କରି ଏହି ମହାବିଦ୍ୟାଳୟ ଓଡ଼ିଶା ସରକାରଙ୍କ ଦ୍ୱାରା ସରକାରୀ ସ୍ୱୀକୃତି ପ୍ରାପ୍ତ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହୋଇ ବିଭିନ୍ନ ରୋଗ ଉପରେ ଚିକିତ୍ସା ଓ ଗବେଷଣା ସହିତ ଭାରତ ସରକାର ଆୟୁଷ ମନ୍ତ୍ରାଳୟ ଦ୍ୱାରା ପ୍ରାକୃତିକ ଚିକିତ୍ସା ଓ ଜୀବନୀ ଶୈଳୀ ଉପରେ ଶିକ୍ଷା ଓ ଚିକିତ୍ସା କରି ମଣିଷ ସମାଜ ସୁସ୍ଥ ହୋଇ ପାରିବ ସେ ଦିଗରେ ୧୦ ବର୍ଷ ଧରି କାର୍ଯ୍ୟ କରି ଆସୁଅଛି। ଯୋଗ ପ୍ରଟୋକଲ, ଯୋଗାସନ ପ୍ରତିଯୋଗିତା, ଯୋଗ ନୃତ୍ୟ ଯୋଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରିବେଷଣ କରିଥିଲେ । କୃତି ଛାତ୍ରଛାତ୍ରୀ ମାନେ ପ୍ରମାଣ ପତ୍ର ପାଇଥିଲେ, ଅଧ୍ୟାପିକା କ୍ରାନ୍ତିକ୍ରୀଷ୍ଟା ପାଣିଗ୍ରାହୀ ମଞ୍ଚ ପରିଚାଳନା, ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ, ଅଧ୍ୟାପିକା ଅନୀତା ମିଶ୍ର ସହଯୋଗ କରିଥିଲେ, ଅଧ୍ୟାପକ ଡଃ ଅଭିଶେକ ଦାସ ସମସ୍ତଙ୍କୁ ବିଶ୍ୱ ଯୋଗ ଦିବସରେ ଧନ୍ୟବାଦ ଦେଇଥିଲେ ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳିତ



ପାରାଦୀପ, ୨୧/୬ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ବିଷୟବସ୍ତୁ ଉପରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬କୁ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧିକାରୀ ଓ କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଛାତ୍ର, ମହିଳା ଏବଂ ପାରାଦୀପ ସାକ୍ଷରତା ସମିତି ର ସଦସ୍ୟଙ୍କ ସମେତ ୫୦୦ ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ, ସାମୂହିକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରି ବିଭିନ୍ନ ଯୋଗ ଆସନ କରିଥିଲେ। ଏହି ଅଧିବେଶନ ପ୍ରସିଦ୍ଧ ଯୋଗ ଗୁରୁ ତାପସ ରଞ୍ଜନ ପତିଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀମାନେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କୋଲକାତାର ରେଡ ରୋଡରେ ଅନୁଷ୍ଠିତ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଜାତୀୟ ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ର ସାମାଜିକ ଶାଖା ପାରାଦୀପ ସାକ୍ଷରତା ସମିତି ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣରେ ପାରାଦୀପର ଅଫିସର୍ସ କ୍ଲବରେ ଏକ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଥିଲା। ଏହି ପଦକ୍ଷେପ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିଥିଲା ଏବଂ ଯୁବ ପିଢ଼ିଙ୍କୁ ସୁସ୍ଥ ଏବଂ ସ୍ଥାୟୀ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୋଗ ଦିବସ

ନୀଳଗିରି, ୨୧/୬ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗଦିବସ ମହାବିଦ୍ୟାଳୟର ଜାତୀୟ ସେବାଶିବିର ଓ ୟୁଥ ରେଡକ୍ରସର ମିଳିତ ସହଯୋଗରେ ପାଳିତ ହୋଇଯାଇଛି । ଯୋଗ ଶିବିରରେ ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ସହ ବରିଷ୍ଠ ଅଧ୍ୟାପିକା ମମତା ବରାଳ, ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ, ଅଧ୍ୟାପିକା ମୋନାଲିସା ଭୋଳ, ସୁଷମା ସିଂହ, ଭାଗ୍ୟବତୀ ସ, ପବିତ୍ରା ବେହୁରିଆ, ନିରୁପମା ନାୟକ, ବରିଷ୍ଠ ଅଧ୍ୟାପକ ଡ. ହରିପଦ ଦାଶ, ଗ୍ରାନ୍ଥଗାରିକ ପ୍ରସନ୍ନ ମହାପାତ୍ର, କାର୍ଯ୍ୟାଳୟ କର୍ମଚାରୀ ବ୍ରହ୍ମାନନ୍ଦ ଗିରି, ସୁନିତା ନାୟକ ଉପସ୍ଥିତ ଥିବାବେଳେ ଏନ ଏସ ଏସ ଓ ୟୁଥ ରେଡ କ୍ରସର ସଦସ୍ୟା ଉପସ୍ଥିତ ରହି ଯୋଗସାଧନା କରିଥିଲେ । ଏନ ଏସ ଏସର ଅଧିକାରିଣୀ ଅଧ୍ୟାପିକା ମୌସୁମୀ ଭୋଳ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ୟୁଥ ରେଡକ୍ରସର କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ବାଲେଶ୍ୱରରେ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ସଫଳତାର ସହ ଅନୁଷ୍ଠିତ



ବାଲେଶ୍ୱର, ୨୧/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ଯୋଗ ମହୋତ୍ସବ ସମିତିର ସହଯୋଗରେ ଆଇ.ଟି.ଆଇ ଛକ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ - ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି। ଚଳିତ ବର୍ଷ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ, ନିୟମିତ ଯୋଗକରନ୍ତୁ ସୁସ୍ଥ ରୁହନ୍ତୁ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ସମେତ ଯୋଗ ମହୋତ୍ସବ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା ଅତ୍ୟନ୍ତ ସଫଳତାର ସହ ସଂଯୋଜନା ଓ ପରିଚାଳନା କରିଥିଲେ। ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହାପରେ ପ୍ରାରମ୍ଭିକ ଅଭିଭାଷଣ ସହ ମାନ୍ୟବର ଅତିଥିମାନେ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଏବଂ ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷା କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ଯୋଗ ମହୋତ୍ସବ ସେବା ସମିତିର ବରିଷ୍ଠ ଯୋଗ ଗୁରୁ ମାନଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ସହ ଏହି ମହାନ କାର୍ଯ୍ୟକ୍ରମର ସାଙ୍ଗଠନିକ ସମାପ୍ତି ଘଟିଥିଲା। ଏହି ଅବସରରେ ଷ୍ଟାଡିୟମ ପରିସରରେ ଶତାଧିକ ଯୋଗପ୍ରେମୀ, ସମାଜସେବୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଏକାଠି ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ଏହି ପରିପ୍ରେକ୍ଷିରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ମଧ ଏହି ଯୋଗ ଦିବସ ପାଳନ କରାଯାଇଥିଲା।

# ବସ୍ତାରେ ଆମ ଆଦିମ୍ ପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବସ୍ତା, ୨୧/୬ (ନି.ପ୍ର): ବସ୍ତା ବ୍ଲକ ବାହାର୍ଦ୍ଧା ଡାକବଙ୍ଗଳା ପରିସରରେ ବସ୍ତା ଆମ ଆଦିମ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି ।ଆମ ଆଦିମ୍ ପାଟିର ଜିଲ୍ଲା ସହ ପ୍ରଭାରୀ ପ୍ରବିଣ କାବ୍ୟ.ଜିଲ୍ଲା ସଭାପତି କୁମାର ସ୍ୱର୍ଣ୍ଣଭାରତ ମଲ୍ଲୀକ୍ ଓଡିଶା ସଂଗଠନ ର ସହ ସମ୍ପାଦକ ଶ୍ରୀକାନ୍ତ ପାଣି ବସ୍ତା ନିର୍ବାଚନ ମଣ୍ଡଳୀର ସଭାପତି ସରୋଜ ରାଉଳ ମୁଖ୍ୟ କାର୍ଯ୍ୟବାହି ସଦସ୍ୟ ଅମିୟ ମାହାନ୍ତି ଯୋଗଦେଇ ସ୍ୱାସ୍ଥ୍ୟ ଶିକ୍ଷା ଗମନା ଗମନ ପାନିୟଜଳ ସମସ୍ୟା ବେ ରୋଜଗାରକୁ ସ୍ଥାୟୀ ନିଯୁକ୍ତି ଦେବା ଲକ୍ଷନେଇ କେଜିରିୱାଲ ଆଦର୍ଶରେ ଅନୁପ୍ରାଣିତ ହୋଇ ବସ୍ତା ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କରି ପ୍ରତ୍ୟେକ ଗାଁ ସାହିରେ ଲୋକମାନଙ୍କୁ ଅବଗତ କରି ପଞ୍ଚାୟତ ଓ ଏନଏସି ଦକ୍ଷଲ କରିବା ସହିତ ବାଲେଶ୍ୱରଜିଲ୍ଲାରେ ପ୍ରତ୍ୟେକ ପଞ୍ଚାୟତରେ ଅଭିଜାନ ଆରମ୍ଭ ହେଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।ଏହି ସମ୍ମିଳନୀରେ ଆମ ଆଦିମ ପାଟିର ବହୁ କର୍ମୀ ଯୋଗ ଦେଇଥିଲେ ।

# ଚିତ୍ରାକ୍ଷୀ ନାୟକ ଏ ବର୍ଷ ରଜକୁଇନ୍ ଚମ୍ପିୟାନ



ବାରିପଦା, ୨୧/୬ (ନି.ପ୍ର): ସ୍ଥାନୀୟ ଅଗ୍ରଣୀ ନାଟ୍ୟାନୁଷ୍ଠାନ ଗୁରୁକୂଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀ ତରଫରୁ ସ୍ଥାନୀୟ ମା' ଅମ୍ବିକା ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନଠାରେ ରଜମଉଜର ପ୍ରତିଷ୍ଠାତା ଲିଟନ ପଟ୍ଟନାୟକ, ସମ୍ପାଦକ ପ୍ରେମଜିତ ଦାସଙ୍କ ତତ୍ତ୍ୱାବଧାନରେ ଚାଲିଥିବା ତିନିଦିନିଆ "ରଜମଉଜ'' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟର କୁଳସଚିବ କୁକୁମିନା ଦାସ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡଃ ପୁଷ୍ପା ପାତ୍ର ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ କଲେଜର ଅଧକ୍ଷା ଡଃ ଅସୀମା ସାହୁ ରଜକୁଇନର ବିଚାରକ ଭାବେ ଯୋଗ ଦେଇ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ବର୍ଷ ସେଣ୍ଟମେରୀ କନଭେଣ୍ଟ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ ଚିତ୍ରକ୍ଷୀ ନାୟକ ଚମ୍ପିୟାନ ହୋଇଥିବା ବେଳେ ସ୍ୱୟଂସ୍ୱାତୀ ବେହେରା ପ୍ରଥମ ରନର୍ସ ଅପ୍ ଓ ଶୁଭମ୍‌ଜ୍ୟୋତି ବେହେରା ଦ୍ୱିତୟ ରନର୍ସ ଅପ୍ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଇଂରାଜୀ ପ୍ରାଧାପକ ସୁନୀଲ ଜେନାଙ୍କ ପରିଚାଳନାରେ ବରିଷ୍ଠ ଅଭିନେତା ଅସିତ୍ ପତି, ପ୍ରଯୋଜକ ଉମେଶ ବାରିକ, ନିର୍ଦ୍ଦେଶକ ସଞ୍ଜୀବ ଦ୍ୱିବେଦୀ ଯୋଗ ଦେଇ ଓଡ଼ିଶାର ସୁପରହିଟ୍ ପ୍ରଯୋଜକ ହିମାଦ୍ରୀ ତନୟ ଦାସ ଓ ସ୍ୱନାମଧନ୍ୟ ନିର୍ଦ୍ଦେଶକ ଜିତୁ ରାଉତଙ୍କୁ ମାନପତ୍ର, ଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସତ୍ୟ ସ୍ୱରୂପ ଦାଶ, ସୁଦର୍ଶନ ସାହୁ, ତାପସୀ ବାରିକ, ସୁରଜ କୁମାର, ଅଭିନବ ଦାସ, ଦୀପକ ଦାସ, ଜନ୍ ବେହେରା, ମୁନୁ ବେହେରା କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ ।

# ଭାଇ-ଭାଇ ବିବାଦର ରକ୍ତାକ୍ତ ପରିଣତି: ସାମାନ୍ୟ କଥାରୁ ଆରମ୍ଭ ହୋଇଥିବା ଝଗଡ଼ା ନେଇଗଲା ସାନଭାଇର ଜୀବନ

ବୈଶିଙ୍ଗା , ୨୧/୬ (ନି.ପ୍ର): ନଡ଼ିଆ ତୋଳାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଶେଷରେ ହତ୍ୟାକାଣ୍ଡର ରୂପ ନେଇଛି । ଭାଇ-ଭାଇ ବିବାଦର ରକ୍ତାକ୍ତ ପରିଣତି । ସାମାନ୍ୟ କଥାରୁ ଆରମ୍ଭ ହୋଇଥିବା ଝଗଡ଼ା ନେଇଗଲା ସାନଭାଇର ଜୀବନ । ନିଜ ବାଡିରେ ଥିବା ନଡ଼ିଆ ତୋଳାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଶେଷରେ ହତ୍ୟାକାଣ୍ଡର ରୂପ ନେଇଛି । ଏହି ଘଟଣାରେ ସାନଭାଇ ହରିମୋହନ ମହାନ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଗୀତା ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଘର ପରିସରରେ ନଡ଼ିଆ ତୋଳାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିଲା । ପରେ ବିବାଦ ଉଗ୍ର ରୂପ ନେବାରୁ ବଡ଼ଭାଇ ବ୍ରଜମୋହନଙ୍କ ପ୍ରରୋଚନାରେ ବୈଶିଙ୍ଗା ଥାନା ଅଧିନ ଚୁଆପଦା ଗ୍ରାମର ମୃଷା ଓ କିଛି ଦୁର୍ବୃତ୍ତ କଟୁରୀ ଧରି ସାନଭାଇ ଓ ତାଙ୍କ ସ୍ତ୍ରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ରକ୍ତାକ୍ତ ଅବସ୍ଥାରେ ଉଭୟଙ୍କୁ ପରିବାର ଲୋକ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ ।ହେଲେ ଗୁରୁତର ଆହତ ସାନଭାଇ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସ୍ତ୍ରୀଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି । ଘଟଣାର ଖବର ପାଇ ବାଲେଶ୍ୱର ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ହତ୍ୟାକାଣ୍ଡ ପଛରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି । ଅପରାହ୍ନରେ ସଦର ପୋଲିସ ବଡଭାଇ ବ୍ରଜମୋହନ ଏବଂ ତାଙ୍କ ସ୍ତ୍ରୀ ସରସ୍ୱତୀ ଙ୍କୁ ଗିରଫ କରି ନେଇଥିବା ଜଣାଯାଇଛି । ପାରିବାରିକ ବିବାଦକୁ କେନ୍ଦ୍ର କରି ଘଟିଥିବା ଏହି ରକ୍ତାକ୍ତ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida